## ସଂକ୍ଷେପରେ

### ମୋ ଗୋପାଳପୁର ସାଂସ୍କୃତିକ କାର୍ଯ୍ୟକ୍ରମ

ଗୋପାଳପୁର,୧୫।୧୨-ଗୋପାଳପୁର ବେଳାଭୂମିକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ଜିଲା ପ୍ରଶାସନ ଓ ଗୋପାଳପୁର ଏନଏସି ପକ୍ଷରୁ ପ୍ରୟାସ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ରବିବାର ସନ୍ଧ୍ୟାରେ ୧୫ତମ ମୋ ଗୋପାଳପୁର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋପାଳପୁର ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ଶଙ୍କର ସେଠୀ ଅଧ୍ୟକ୍ଷତା କରି ସ୍ୱଚ୍ଛତା ଓ ପ୍ଲାଷ୍ଟିକ, ପଲିଥିନ ବ୍ୟବହାର ନ କରିବାକୁ ସଚେତନ କରିବା ସହ ସହରକୁ ସ୍ୱଚ୍ଛ ସୁନ୍ଦର ରଖିବାକୁ କହିଥିଲେ। ଏହି ଅବସରରେ ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶ୍ରଦ୍ଧାସଞ୍ଜିବନୀ ଅନ୍ତେବାସୀମାନଙ୍କ ଦ୍ୱାରା ନୃତ୍ୟ ଓ ଗୀତ ପରିବେଷଣ ହୋଇଥିଲା। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଭଳି କାର୍ଯ୍ୟକ୍ରମ ପ୍ରତ୍ୟେକ ରବିବାର ଅନୁଷ୍ଠିତ ହେଉଥିବା ବେଳେ ବହୁ ବୁଦ୍ଧିଜୀବୀ, ଦର୍ଶକ, ପର୍ଯ୍ୟଟକ ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

### ଅନ୍ତର୍ଯ୍ୟାମୀ ବିଦ୍ୟାପୀଠରେ ବନ୍ଧୁମିଳନ

ବୁଗୁଡ଼ା,୧୫।୧୨(ଡି.ଏନ.ଏ.): ବୁଗୁଡ଼ା ବ୍ଲକ ବି.କରଡ଼ାବାଡ଼ି ସର୍ଦ୍ଧାର ଅନ୍ତର୍ଯ୍ୟାମୀ ବିଦ୍ୟାପୀଠ ୧୯୯୫ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ବୁଦ୍ଧଖୋଲରେ ଅନୁଷ୍ଠିତ ହୋଇଥିଲା। ଉନା ଅରବିନ୍ଦ ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାପୀଠର ଅବସରପ୍ରାପ୍ତ ଶିକ୍ଷକ ଗୋପାଳ ଚନ୍ଦ୍ର ନାୟକ, ପ୍ରଫୁଲ୍ଲ କୁମାର ମହାପାତ୍ର, ବିକ୍ରମାଦିତ୍ୟ ଆରୁଖ, ବିଜୟ ରାଘବ ନାୟକ ଓ ବିନାୟକ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରଥମେ ଗୁରୁଜୀମାନଙ୍କୁ ପୁଷ୍ପତୋଡ଼ା ଓ ଚନ୍ଦନ ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା। ପରିଚାଳନାରେ ସନ୍ତୋଷ କୁମାର ଦୋରା, ତପନ ପ୍ରଧାନ, ବ୍ରଜବନ୍ଧୁ ପ୍ରଧାନ, ସନ୍ଧ୍ୟାରାଣୀ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ୧୯୯୫ ବ୍ୟାଚର ଅନୁଷ୍ଠିତ କର୍ମକର୍ତ୍ତା ନିର୍ବାଚନରେ ସନ୍ତୋଷ କୁମାର ଦୋରାଙ୍କୁ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ଭାବେ ବିଭୁଦତ୍ତ ନାୟକ, ମହିଳା ସଭାପତି ଭାବେ ସନ୍ଧ୍ୟାରାଣୀ ନାୟକ ଏବଂ ସମ୍ପାଦକ ଭାବେ ପୁଷ୍ପଲତା ପାଢ଼ୀଙ୍କୁ ନିର୍ବାଚିତ କରାଯାଇଥିଲା ।

### ଶକ୍ତି ସଂରକ୍ଷଣ ଦିବସରେ ସଚେତନତା ସଭା

ଦିଗପହଣ୍ଡି,୧୫।୧୨(ଡି.ଏନ.ଏ.): ଦିଗପହଣ୍ଡି ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଶନିବାର ଶକ୍ତି ସଂରକ୍ଷଣ ଦିବସ ଅବସରରେ ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରକାରୀ ବାଳିକା ବିଦ୍ୟାଳୟ ସମ୍ମୁଖରୁ ବହୁସଂଖ୍ୟକ ଛାତ୍ରୀ ଶକ୍ତି ସଂରକ୍ଷଣ ସମ୍ପର୍କୀତ ପ୍ଲା କାର୍ଡ ଧରି ସଚେତନତା ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ଆଞ୍ଚଳିକ ଗୋଷ୍ଠୀ ସାଧନ କର୍ମୀ ଉପେନ୍ଦ୍ର କୁମାର ପଣ୍ଡାଙ୍କ ସଂଯୋଜନାରେ ବାଳିକା ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ବ୍ଲକ ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ବାଳା ମାଝୀ, ରସାନନ୍ଦ ଘଡେଇ, ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶିଶିର କୁମାର ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାଗି ସେଠୀ, ବ୍ଲକ ସମ୍ବଳ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ।

### ରାଜ୍ୟସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ
### ଚତୁର୍ଥ ଦିବସରେ ଗୁମ୍ମା, ମୋହନା ବିଜୟୀ

ଆସିକା,୧୫।୧୨ (ଡି.ଏନ୍.ଏ.): ଆସିକା ଟାଉନ୍ ହଲ୍ ଠାରେ ଚାଲିଥିବା ରାଜ୍ୟସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟର ରବିବାର ଥିଲା ଚତୁର୍ଥ ଦିନରେ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଗୋଟିଏ ମ୍ୟାଚରେ ଗୁମ୍ମା ବିଜୟୀ ହୋଇଥିବାବେଳେ ଅନ୍ୟଏକ ମ୍ୟାଚରେ ମୋହନା ବିଜୟୀ ହୋଇଛି। ପ୍ରଥମ ମ୍ୟାଚ ଗୁମ୍ମା ଦଳ ଓ ସୋନପୁର ଦଳ ମଧ୍ୟରେ ହୋଇଥିଲା। ୨-୦ ସେଟ୍‌ରେ ଗୁମ୍ମା ଦଳ ବିଜୟୀ ହୋଇଥିଲା। ଗୁମ୍ମା ଦଳର ନକ୍ସଲ୍ ମଣ୍ଡଳ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିଭଳି ଦ୍ୱିତୀୟ ମ୍ୟାଚ୍ ଫୁଲବାଣୀ ଓ ମୋହନା ଦଳ ମଧ୍ୟରେ ହୋଇଥିଲା। ୨-୧ ସେଟ୍‌ରେ ମୋହନା ବିଜୟୀ ହୋଇଥିଲା। ମୋହନାର ହୃଷିକେଶ ବାଗ୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

# ତପ୍ତପାଣି ଘାଟିରେ ଓଲଟିଲା ପିକ୍‌ନିକ୍ ବସ୍

## ଜଣେ ମୃତ, ୧୫ରୁ ଊର୍ଦ୍ଧ୍ୱ ଗୁରୁତର

ଦିଗପହଣ୍ଡି,୧୫।୧୨(ଡି.ଏନ୍.ଏ.)

ଗଞ୍ଜାମ-ଗଜପତି ସୀମାନ୍ତ ତପ୍ତପାଣି ଘାଟି ହନୁମାନ ମନ୍ଦିର ନିକଟରେ ରବିବାର ରାତି ପ୍ରାୟ ସାଢେ ୭ଟାରେ ଏକ ପିକ୍‌ନିକ୍ ବସ୍ (ନଂ.ଓଡି୨୫ବି-୧୯୯୯) ବାଇକକୁ ଧକ୍କାଦେଇ ଓଲଟି ପଡିଛି। ଏଥିରେ ବାଇକ ଆରୋହୀଙ୍କର ମୃତ୍ୟୁ ଘଟିଥିବାବେଳେ ବସ୍‌ରେ ଥିବା ୧୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ପାଟପୁର ଥାନା ଘାସିଆମ୍ବ ଗ୍ରାମର ଅନୁଜ ମଣ୍ଡଳ।
ପ୍ରକାଶ ଯେ, ଅନୁଜ ତାଙ୍କ ସମ୍ପର୍କୀୟ ଶମ୍ଭୁ ମଣ୍ଡଳଙ୍କ ସହ ବାଇକ (ନଂ. ଓଡି୦୭ବି-୩୨୫୬) ଯୋଗେ ଘାଟିରୁ ଓହ୍ଲାଉଥିବାବେଳେ ପିକ୍‌ନିକ୍ ବସ୍‌ଟି ପଛରେ ଆସୁଥିଲା। ହନୁମାନ ମନ୍ଦିର ନିକଟରେ ବସ୍‌ଟି ବାଇକ୍‌କୁ ଧକ୍କା ଦେଇ ଘାଟି ତଳକୁ ଓଲଟି ପଡିଥିଲା। ଘଟଣାସ୍ଥଳରେ ଅନୁଜଙ୍କର ମୃତ୍ୟୁ ଘଟିଥିବାବେଳେ ବାଇକ ପଛରେ ବସିଥିବା ଶମ୍ଭୁ ଆହତ ହୋଇଛନ୍ତି। ସାନଖେମୁଣ୍ଡି ଦମକଳ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ନୟାଗଡରୁ ଏହି ପିକ୍‌ନିକ୍ ବସ୍‌ଟି ଯାଇଥିବା ଜଣାପଡିଛି। ଏଥିରେ ୨୫ରୁ ଊର୍ଦ୍ଧ୍ୱ ଲୋକ ଥିଲେ। ଆହତଙ୍କ ମଧ୍ୟରେ ନୟାଗଡ ଥାନା ବାଲୁଗାଁର ସୀମାରାଣୀ ସ୍ୱାଇଁ, ଇଟାମାଟିର ଦୀପକ କୁମାର ସାଠୁଆ, ଓଲ୍ଡ ଟାଉନର ଇଶାନ୍ତ ପ୍ରସାଦ ଦାସ, ସିନ୍ଧକାରୀର ରଜକ୍ ମହମ୍ମଦ, ଖଣ୍ଡପଡାର ରାକେଶ ପଣ୍ଡା, ସିନ୍ଧୁରିଆର ସୋହେଲ୍ ଖାନ୍, ଏସ୍. କେ. ସମିମ୍, ହରିପୁରର ଚିନ୍ମୟ ଦାସ, ମୁକ୍ତାପୁରର ଦୀପକ ଦାସ, ନୟାଗଡର ରାହୁଲ କୁମାର ସୁବୁଦ୍ଧି, ଦୁର୍ଗାପ୍ରସାଦର ରଶ୍ମିରଞ୍ଜନ ମହାପାତ୍ର, ଭୀମାପଡାର ଅଲିମ୍ ଖାନ୍, ନୟାଗଡର ହିମାଂଶୁ ଶେଖର ମହାନ୍ତି ରହିଛନ୍ତି। ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଆହତମାନଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପାଟପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବସ୍ ଓ ବାଇକକୁ ଜବତ କରିଛି। ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଅନୁଜଙ୍କ ମୃତଦେହ ପୋଲିସ ଜବତ କରିଛି। ସୋମବାର ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲ ପଠାଯିବ ବୋଲି ଆଇଆଇସି ଅଜୟ କୁମାର ବାରିକ ସୂଚନା ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଣ୍ଡି ଗଣିଆର ଦି'ଗୁଣ ସରେ;**
**ଆଟିକା ପୋଛାର ମାଇପ ମରେ ।**

ଅଭାବୀ ଲୋକର ଖର୍ଚ୍ଚ ଅଧିକ। ସେ ଯେତେ ଯାହା ଚେଷ୍ଟା କଲେ ମଧ୍ୟ ନିଜ ଖର୍ଚ୍ଚକୁ ରୋକିବାରେ ସଫଳ ହୋଇପାରି ନ ଥାନ୍ତି। ପରନ୍ତୁ ଧନ ଥାଇ କୃପଣ ପ୍ରକୃତିର ବ୍ୟକ୍ତି ନିଜ ଖାଇବା, ପିଇବା ତଥା ଚଳିବାରେ ଅନେକ କାଟଛାଣ୍ଟ କରିଥାନ୍ତି। ଫଳସ୍ୱରୂପ ଉକ୍ତ ବ୍ୟକ୍ତିର ପତ୍ନୀ ଭୋକ ଉପାସରେ ପଡ଼ିରହିବାକୁ ବାଧ୍ୟ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖାଇବ ସଅଳ, ଶୋଇବ ବେଗେ**
**ଉଠିବ ସଅଳ, ଚାଲିବ ବେଗେ ।**

ରାତ୍ରୀର ଖାଦ୍ୟ ସଅଳ ଖାଇ ଶୀଘ୍ର ବିଛଣା ଯିବା ଉଚିତ। ଶୀଘ୍ର ଶୋଇଲେ ବଡ଼ି ଭୋରରୁ ନିଦ ଭାଙ୍ଗିଯାଇଥାଏ। ସେହିପରି ଅତି ସକାଳୁ ଉଠି ବାହାରେ ଚଲାବୁଲା କଲେ ଦେହ ମନ ତାଜା ହୋଇଯାଇଥାଏ, ସ୍ଫୁର୍ତ୍ତି ଆସିଥାଏ। ବ୍ୟକ୍ତି ସୁସ୍ଥ ନୀରୋଗ ରହିବା ପାଇଁ ଏପରି ଦିନଚର୍ଯ୍ୟା କରିବା ଉଚିତ ଅର୍ଥରେ ଏଭଳି ଉପଦେଶ ପ୍ରଦାନ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବେଆଇନ ବାଲି ଚାଲାଣ ଅଭିଯୋଗ,୭ ଗିରଫ

## ୬ ଗାଡି, ମ୍ୟାଜିକ୍ ପେନ୍ ସହ ରସିଦ ବହି ଜବତ

ଆସିକା,୧୫।୧୨ (ଡି.ଏନ୍.ଏ.)

ଆସିକା ଏନ୍ଏସି ସୁନାମ୍ବ ସାହି ଋଷିକୂଲ୍ୟା ନଦୀ ବାଲିଘାଟରୁ ବେଆଇନଭାବେ ବାଲି ଚୋରା ଚାଲାଣ କରୁଥିବା ଅଭିଯୋଗରେ ଶନିବାର ରାତିରେ ପୋଲିସ ୭ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଆସିକା ପାକଲାପଲ୍ଲୀର କୈଳାସ ପ୍ରଧାନ, ବରଗାଁର ଜୟ କୁମାର ଦାସ, ବୁଗୁଡା ଅନ୍ତରପଡାର ରଙ୍କନିଧି ଗୌଡ, ବୁଡାମ୍ବ ଗ୍ରାମର ଧ୍ରୁବ ମହାରଣା, ଆସିକା ଗଣ୍ଡପଲ୍ଲୀର ସୟ ଦାସ, ଭୋଗଡା ଖଡାଳ ସାହିର ଧ୍ରୁବ ନାଇକ ଓ ନନ୍ଦିଘର ଗ୍ରାମର ଜନାର୍ଦ୍ଦନ ପ୍ରଧାନ। ଅଭିଯୁକ୍ତଙ୍କ ନିକଟରୁ ପୋଲିସ ୨ଟି ହାଇୱା, ୨ଟି ଟ୍ରାକ୍ଟର, ଗୋଟିଏ ମିନିଟ୍ରକ୍, ଗୋଟିଏ ଜେସିବି ଏଭଳି ମୋଟ ୬ଟି ଗାଡି ସହ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ୩ଟି ଟ୍ରାଞ୍ଜିଟ୍ ପାସ୍ ବହି, ୩ଟି ଡ୍ରାଇଭିଂ ଲାଇସେନ୍ସ ଓ ଦୁଇଟି ମ୍ୟାଜିକ୍ ପେନ୍ ଜବତ କରିଛି। ରବିବାର ମଧ୍ୟାହ୍ନରେ ଆସିକା ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ଏହି ସୂଚନା ଦେଇଛନ୍ତି। ତେବେ ଏହି ବାଲି ଘାଟର ପ୍ରକୃତ ଗୁତାଦାର ଫେରାର ଥିବାରୁ ତାଙ୍କୁ ଗିରଫ ଲାଗି ପୋଲିସ ଉଦ୍ୟମ ଚଳାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ସରକାରଙ୍କ ଦ୍ୱାରା ବାଲିଘାଟ ଗୁତାଦାରଙ୍କୁ ଯୋଗାଇ ଦିଆଯାଇଥିବା ୱାଇ ଫର୍ମକୁ ଅଭିଯୁକ୍ତମାନେ ମ୍ୟାଜିକ୍ ପେନ ଦ୍ୱାରା ଲେଖୁଥିଲେ ଏବଂ ଏହି ପେନର ଲେଖା ସବୁ ସାମାନ୍ୟ ଗରମରେ ଲିଭିଯାଇଥିବାରୁ ସେହି ପୁରୁଣା ରସିଦରେ ପୁଣି ନୂତନ ତାରିଖରେ ନୂତନ ନାମ ଦେଇ ଜାଲିଆତି କରି ରସିଦ ବ୍ୟବହାର କରାଯାଉଥିବା ପୋଲିସ ତଦନ୍ତରୁ ଜାଣିପାରିଛି। ଏହାଛଡା ନଦୀର ଏକ ନିର୍ଦ୍ଧାରିତ ସ୍ଥାନରୁ ବାଲି ଉଠାଣ ଲାଗି ରାଜସ୍ୱ ବିଭାଗ ପକ୍ଷରୁ ଅନୁମତି ଦିଆଯାଇଥିବାବେଳେ ଗୁତାଦାର ଅଧିକ ଜାଗାର ବାଲି ଉଠାଇ ଚାଲାଣ କରୁଥିବା ତଦନ୍ତବେଳେ ପୋଲିସ ଜାଣିପାରିଛି। ଏ ସମ୍ପର୍କରେ ସ୍ଥାନୀୟ ତହସିଲଦାରଙ୍କ ସହ ଯୋଗାଯୋଗ କରି ପରବର୍ତ୍ତି ପଦକ୍ଷେପ ନିଆଯିବ ବୋଲି ଥାନା ଅଧିକାରୀ ସାହୁ ସୂଚନା ଦେଇଛନ୍ତି। ଏନେଇ ଆସିକା ଥାନାରେ ନଂ.୪୮୦/୧୯ରେ ଏକ ମାମଲା ରୁଜୁ କରାଯାଇ ଗିରଫ ଅଭିଯୁକ୍ତଙ୍କୁ ରବିବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି।


ପୋଲିସ ଜବତ କରିଥିବା ବାଲି ବୋଝେଇ ଗାଡି।

### ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଦିଗପହଣ୍ଡି,୧୫।୧୨(ଡି.ଏନ.ଏ.)

ବଡଖେମୁଣ୍ଡି ହାଇସ୍କୁଲ ପରିସରରେ ଶନିବାର ଜିଲା ସମଗ୍ର ଶିକ୍ଷା ପ୍ରକଳ୍ପ ଆନୁକୂଲ୍ୟରେ ଦିଗପହଣ୍ଡି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ସହଯୋଗରେ ବ୍ଲକ ଅଧୀନ ବିଭିନ୍ନ ସରକାରୀ ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଏଥିସହ ସହାୟକ ଉପକରଣ ପ୍ରଦାନ ନିମନ୍ତେ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ଚିହ୍ନଟ କରାଯାଇଛି। କାର୍ଯ୍ୟକ୍ରମକୁ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବାଳା ମାଝି, ରସାନନ୍ଦ ଘଡେଇ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଟ୍ରାଇ ସାଇକେଲ, ହୁଇଲ ଚେୟାର ଅନ୍ୟ ସହାୟକ ଉପକରଣ ନିମନ୍ତେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୫୫ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କୁ ଚିହ୍ନଟ କରିଥିଲେ। ବିଶେଷଜ୍ଞ ଭାବେ ସସ୍ମିତା ଓଝା, ମୁରଲୀଧର ବେହେରା ପ୍ରମୁଖ ଅଭିଭାବକମାନଙ୍କ ଉପସ୍ଥିତିରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ବିଭିନ୍ନ ପ୍ରମାଣପତ୍ର ଓ ଦରଖାସ୍ତ ତନଖି କରିଥିଲେ। ସହକାରୀ ଶିକ୍ଷକ ଏଲ. କୃଷ୍ଣମୂର୍ତ୍ତୀ ଦୋରା, ମୃତ୍ୟୁଞ୍ଜୟ ଗୌଡ, ଉମ୍ମୁରୁଧର ବେହେରା, ଶିବରାମ ସାହୁ, ଗୋଷ୍ଠୀ ସମ୍ବଳ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ▮ମାଛ ଚୋରିକୁ ନେଇ ଗୁଳିମାଡ଼ ଘଟଣା
# ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ଚଢ଼ାଉ ଜୋରଦାର

ଗୋପାଳପୁର,୧୫।୧୨

ଗୋଳନ୍ଥରା ଥାନା ଅନ୍ତର୍ଗତ ଟାମଣା କାଲୁଆ ଘାଟି ନିକଟରେ ଏକ ପୋଖରୀରୁ ମାଛ ଚୋରିକୁ ନେଇ ବୁଧବାର ରାତିରେ ଗୁଳିମାଡ଼ରେ ମେଦିନିପୁର ଗ୍ରାମର ପ୍ରଶାନ୍ତ ବେହେରା ଓ ତାଙ୍କ ଭାଇ ପ୍ରଦୀପ ଆହତ ହୋଇଥିଲେ। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା କୁନା ବେହେରାଙ୍କୁ ଧରିବା ପାଇଁ ପୋଲିସ ଚଢ଼ାଉ ଜୋରଦାର କରିଛି। ଅନ୍ୟପକ୍ଷରେ ଅନ୍ୟ ୩ ଅଭିଯୁକ୍ତ ଚିହ୍ନଟ ହୋଇସାରିଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ବାବୁଲି ନାୟକ ସୂଚନା ଦେଇଛନ୍ତି। ଏହି ଘଟଣାରେ ଆଉ କାହାର ସମ୍ପୃକ୍ତି ରହିଛି ତାହା ମଧ୍ୟ ତଦନ୍ତ ପରିସରକୁ ଅଣାଯାଇଛି। ମୁଖ୍ୟ ଅଭିଯୁକ୍ତ ଶନିବାର ଟାମଣା ଜଙ୍ଗଲରେ ରହିଥିବା ସୂଚନା ପାଇ ପୋଲିସର ଏକ ସ୍ୱତନ୍ତ୍ର ଟିମ ତାଙ୍କୁ କାବୁ କରିବା ପାଇଁ ଯୋଜନା ଚଳାଇଥିଲେ ମଧ୍ୟ ସଫଳ ହୋଇପାରିନାହିଁ। କୁନାଙ୍କ ଗତିବିଧି ଉପରେ ନଜର ରଖାଯାଇଛି। ଅତିଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ସଦର ଏସଡିପିଓ ଜୟନ୍ତ ମହାପାତ୍ର ସୂଚନା ଦେଇଛନ୍ତି ।
ସୂଚନାଯୋଗ୍ୟ, ପ୍ରଶାନ୍ତ ଓ ପ୍ରଦୀପ ନିସ୍କାବନ୍ଧରେ ମାଛ ଚାଷ କରନ୍ତି। ନିକଟସ୍ଥ ଟାମଣା ଗ୍ରାମର କୁନା ଅନ୍ୟ ଏକ ପୋଖରୀରେ ମାଛ ଚାଷ କରୁଥିଲେ। ବିଭିନ୍ନ ସମୟରେ କୁନାଙ୍କ ପୋଖରୀରୁ ମାଛ ଚୋରି ହେଉଥିବାରୁ ପ୍ରଶାନ୍ତଙ୍କ ସହ ତାଙ୍କର ବିବାଦ ଲାଗି ରହିଥିଲା। ବୁଧବାର ରାତିରେ ପ୍ରଶାନ୍ତ ଓ ତାଙ୍କ ୨ ଭାଇ ନିସ୍କାବନ୍ଧରୁ ଘରକୁ ଫେରୁଥିବା ବେଳେ ଟାମଣା ରାସ୍ତା କାଲୁଆ ମନ୍ଦିର ନିକଟରେ କୁନା ଓ ତାଙ୍କ ସହଯୋଗୀ ସେମାନଙ୍କୁ ଅଟକାଇ ଯୁକ୍ତିତର୍କ କରିଥିଲେ। ପରେ କୁନା ଏକ ଦେଶୀ ବନ୍ଧୁକରେ ପ୍ରଶାନ୍ତଙ୍କ ଗୋଡ଼କୁ ଗୁଳି ମାରିବା ସହ କାଠ ଓ କାତିରେ ପ୍ରଦୀପଙ୍କୁ ଆକ୍ରମଣ କରିଥିଲେ। ଆହତ ଦୁଇ ଭାଇ ଏବେ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି ।

# ପ୍ରତିଭା ସଙ୍ଗମ କାର୍ଯ୍ୟକ୍ରମ

ଆସିକା,୧୫।୧୨(ଡି.ଏନ୍.ଏ.)

ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ ଘୁମୁଷର ଜିଲ୍ଲା ପକ୍ଷରୁ ରବିବାର ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜିଲାସ୍ତରୀୟ ପ୍ରତିଭା ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଙ୍ଗୀତ, ନୃତ୍ୟ, ରଙ୍ଗୋଲି ଆଦି କାର୍ଯ୍ୟକ୍ରମରେ ରୁଚି ରଖିଥିବା ୫୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଯୋଗ ଦେଇଥିଲେ। ପ୍ରଧାନ ଗୁରୁଜୀ ଶରତ ଚନ୍ଦ୍ର ମୁନି ଓ ବିଭାଗ ସହ ସଂଯୋଜକ କୃଷ୍ଣଚନ୍ଦ୍ର ସୁହାଁସିଆ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମର କୃତୀ ବିଦ୍ୟାର୍ଥୀମାନେ ଚଳିତମାସ ଶେଷ ସପ୍ତାହରେ ଭୁବନେଶ୍ୱରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେବାକୁ ଚିହ୍ନଟ ହୋଇଥିଲେ।

### ଯୁବତୀଙ୍କ ଆତ୍ମହତ୍ୟା

ଗୋପାଳପୁର,୧୫।୧୨

ଗୋପାଳପୁର ଥାନା ଆରୁଆପଲ୍ଲୀର ଜଣେ ଯୁବତୀ ଶନିବାର ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ରବିବାର ତାଙ୍କର ନିର୍ବନ୍ଧ ହେବାର ଥିଲା। ଶନିବାର ମା' ଓ ଭଉଣୀ ନିକଟସ୍ଥ ଜମିକୁ ଧାନ କାଟିବାକୁ ଯାଇଥିଲେ। ଯୁବତୀ ଜଣକ ଘରେ ଏକାକୀ ଥିଲେ। ସନ୍ଧ୍ୟାରେ କୌଣସି କାରଣରୁ ସେ ବିଷ ପିଇ ଦେଇଥିଲେ । ପଡ଼ୋଶୀ ଏହା ଦେଖି ତାଙ୍କ ମା'ଙ୍କୁ ଜଣାଇଥିଲେ। ପରେ ଗୁରୁତର ଅବସ୍ଥାରେ ଯୁବତୀଙ୍କୁ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତ ପହଞ୍ଚି ମୃତଦେହ ଜବତ କରିବା ସହ ରବିବାର ବ୍ୟବଚ୍ଛେଦ କରାଇଥିଲେ। ଏ ନେଇ ଥାନାରେ ନଂ.୨୯/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

# ଦିବ୍ୟ ଜୀବନ ସଂଘର ଆଧ୍ୟାତ୍ମିକ ସମ୍ମିଳନୀ

ଧରାକୋଟ,୧୫।୧୨(ଡି.ଏନ୍.ଏ.)

ଧରାକୋଟ ମୁଣ୍ଡମରାଇ ଦିବ୍ୟ ଜୀବନ ସଂଘ ଶାଖାର ଏକ ଦିବସୀୟ ଆଧ୍ୟାତ୍ମିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘ ସମନ୍ୱୟ ସମିତିର ମୁଖ୍ୟ ସଂଗଠକ ଜୟଚନ୍ଦ୍ର ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ଓ ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ଜୀବନୀର ଆଧ୍ୟାତ୍ମିକ ଭାବଧାରାକୁ ଅନୁଶୀଳନ କରାଯାଇଥିଲା। ଏକଦିବସୀୟ ସାଧନା ଶିବିରରେ ଗଞ୍ଜାମ ଜିଲାର ୩୦ରୁ ଊର୍ଦ୍ଧ୍ୱ ଶାଖାର ପ୍ରତିନିଧି ଯୋଗ ଦେଇଥିଲେ । ଦିବ୍ୟ ଜୀବନ ସଂଘ ଶାଖା ଆସିକା, ମଣ୍ଡାପଡ଼ା, କବିସୂର୍ଯ୍ୟନଗର, ବାବନପୁର, ନୂଆଗାଁ, ବାଲିଛାଇ, ଖଣ୍ଡବନ୍ଧ, ଭେଟନଇ, କଲେଜ ଛକ, ଶେରଗଡ଼, ବଡ଼ିଆଉସ୍ତା ତଥା ମୁଣ୍ଡମରାଇ ଅଞ୍ଚଳର ଭକ୍ତମାନେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ମୁଣ୍ଡମରାଇ ଶାଖା ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଦିବ୍ୟ ଜୀବନ ସଂଘର ହରିଶରଣାନନ୍ଦ ସରସ୍ୱତୀ, ରାମଦାସ ନନ୍ଦ ସରସ୍ୱତୀ, କୁଞ୍ଜ ବିହାରୀ ପାଢ଼ୀ, ପ୍ରକାଶ ଚନ୍ଦ୍ର ରଥ, ପ୍ରବୀଣ କୁମାର ନାୟକ, ଦେବହରି ମହାନ୍ତିଙ୍କ ସମେତ ବରିଷ୍ଠ ସଂଘ ସଦସ୍ୟ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ମୁଣ୍ଡମରାଇ ଶାଖା ସଭାପତି ତ୍ରିନାଥ ପାତ୍ର, ସମ୍ପାଦକ ଭିକାରୀ ଚରଣ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।


ଆଧ୍ୟାତ୍ମିକ ସମ୍ମିଳନୀ।

### ଜିଲାସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ
# ଭଞ୍ଜନଗର ଟିମ୍ ଚାମ୍ପିୟନ


ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

ବେଗୁନିଆପଡ଼ା,୧୫।୧୨(ଡି.ଏନ.ଏ.)

ବେଗୁନିଆପଡ଼ା ବ୍ଲକ ନିକଟସ୍ଥ ବାପୁଜୀ ଷ୍ଟାଡିୟମରେ ଚାଲିଥିବା ଜିଲାସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଏଥିରେ ଭଞ୍ଜନଗର ଟିମ ଚାମ୍ପିୟନ ହୋଇଛି। ଶନିବାର ଭଞ୍ଜନଗର ଟିମ୍ ଓ ହିଞ୍ଜିଳିକାଟୁ ଟିମ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଭଞ୍ଜନଗର ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୮୪ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ହିଞ୍ଜିଳିକାଟୁ ଟିମ ସମସ୍ତ ଉଇକେଟ ହରାଇ ୧୬୯ ରନ କରି ପରାଜିତ ହୋଇଥିଲା। ଉଦ୍‌ଯାପନୀ ସଭାରେ ବ୍ଲକ ବିଜେଡି ସଭାପତି ବିଜୟ କୁମାର ଦୋରା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ନୀଳାଞ୍ଚଳ ପଲାଇ, କ୍ରୀଡାବିତ୍ ମୋହନ ଆଚାରୀ, ଅଶୋକ ସେନାପତି, ଜଟେଶ୍ୱର ସାହୁ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଟିମକୁ ଟ୍ରଫି ପ୍ରଦାନ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରବି କୁମାରଙ୍କୁ ମ୍ୟାନ ଅଫ ଦି ମ୍ୟାଚ, ବ୍ରିଜେଶ ନାୟକଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଛି। ଖେଳକୁ ଲିଙ୍ଗନ ପଲାଇ ଓ ସଦାଶିବ ନାୟକ ପରିଚାଳନା କରିଥିଲେ। ଘରୋଇ ପାୟୋନିୟର ଟିମ ତତ୍ତ୍ୱାବଧାନରେ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟ ଶେଷରେ ଉପଦେଷ୍ଟା ସନ୍ତୋଷ କୁମାର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ■ ଊର୍ଜା-୨୦୧୯ ଉଦ୍‌ଯାପନୀରେ କ୍ରିକେଟ ମ୍ୟାଚ
# ଜିଲାପାଳ ଏକାଦଶ ଟିମ୍ ବିଜୟୀ

ଛତ୍ରପୁର,୧୫।୧୨(ଡି.ଏନ.ଏ)

ଛତ୍ରପୁରଠାରେ ୨ଦିନ ଧରି ଚାଲିଥିବା ଗଞ୍ଜାମ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆର୍‌ଡିଏ) କର୍ମଚାରୀ ଆନୁଆଲ୍ ମିଟ୍ (ଊର୍ଜା-୨୦୧୯) ରବିବାର ଉଦ୍‌ଯାପିତ ହୋଇଯାଇଛି। ରବିବାର ଏହି ଅବସରରେ ଛତ୍ରପୁର ଷ୍ଟାଡିୟମରେ ଡିଆରଡିଏ ପିଡି ଏକାଦଶ ଟିମ୍ ଓ ଗଞ୍ଜାମ ଜିଲାପାଳ ଏକାଦଶ ଟିମ୍ ମଧ୍ୟରେ କ୍ରିକେଟ୍ ମ୍ୟାଚ୍ ହୋଇଥିଲା। ଏଥିରେ ଜିଲାପାଳ ଏକାଦଶ ଟିମ୍ ବିଜୟୀ ହୋଇଛି। ଡିଆରଡିଏ ଏକାଦଶ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୧୫ ଓଭରରେ ୩ ଉଇକେଟ୍ ହରାଇ ୧୧୩ ରନ୍ କରିଥିଲା। ଜବାବରେ ଜିଲାପାଳ ଏକାଦଶ ଟିମ୍ ୧୪.୧ ଓଭରରେ ୪ ଉଇକେଟ୍ ହରାଇ ୧୧୪ ରନ୍ କରି ବିଜୟୀ ହୋଇଛି। ଜିଲାପାଳ ଏକାଦଶ ଟିମ୍‌ର ଡି. ଲୋକେଶ ରେଡ୍ଡି ୪୧ ବଲ୍‌ରେ ୬୮ ରନ୍ କରି ମ୍ୟାନ୍ ଅଫ ଦି ମ୍ୟାଚ୍ ହୋଇଛନ୍ତି। ଡିଆର୍‌ଡିଏ ଟିମ୍‌ର ଜ୍ୟୋତି ପ୍ରକାଶ ମହାନ୍ତି ୨୭ ବଲ୍‌ରେ ୩୬ ରନ୍ ଏବଂ ୩ ଓଭର ବୋଲିଂ କରି ୨ଟି ଉଇକେଟ୍ ନେଇ ପ୍ଲେୟର ଅଫ୍ ଦି ମ୍ୟାଚ୍ ହୋଇଥିଲେ । ଅମ୍ପାୟାର ରବୀନ୍ଦ୍ର ନାଥ ମିଶ୍ର, ଅରୁଣ ମାନସିଂ, ସ୍କୋରର ସୁନୀତା ପାତ୍ର, ପ୍ରିୟ ରଞ୍ଜନ ପାତ୍ର ଓ ସୁବ୍ରତ ମିଶ୍ର ମ୍ୟାଚ୍ ପରିଚାଳନା କରିଥିଲେ । ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏଥିରେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ଡିଆରଡିଏ ପିଡି ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ । ଡିଆରଡିଏ କର୍ମଚାରୀଙ୍କ ମଧ୍ୟରେ ଶନିବାର ବିଭିନ୍ନ ପ୍ରତିଯୋଗିତା ହୋଇଥିଲା । ରଙ୍ଗୋଲିରେ ଶୁଭଶ୍ରୀ ପାଳ ପ୍ରଥମ, ସନ୍ଧ୍ୟାରାଣୀ ପଟ୍ଟନାୟକ ଦ୍ୱିତୀୟ, କ୍ୟାରମ୍‌ରେ ଜି. ତାରକେଶ୍ୱର ରାଓ ଓ ହିତେଶ କୁମାର ଦାଶଙ୍କ ଯୋଡି ଚାମ୍ପିୟନ ହୋଇଥିବା ବେଳେ ପ୍ରଫୁଲ୍ଲ ବେହେରା ଓ ତିରୁପତି ବେହେରାଙ୍କ ଯୋଡି ରନର୍ସ ଅପ ହୋଇଥିଲେ । ସେହିପରି ଚେସ୍‌ରେ ଅକ୍ଷୟ କୁମାର ଜେନା ଚାମ୍ପିୟନ ଓ ସୌମ୍ୟ ରଞ୍ଜନ ହୋତା ରନର୍ସ, ବ୍ୟାଡମିଣ୍ଟନରେ ସୁରଞ୍ଜନ ସାହୁ ଓ ଶମ୍ଭୁନାଥ ନନ୍ଦିଙ୍କ ଯୋଡି ଚାମ୍ପିୟନ ହୋଇଥିବାବେଳେ ପିଡି ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଆଲୋକ ସେଠୀଙ୍କ ଯୋଡି ରନର୍ସ ହୋଇଥିଲେ ।


ଜିଲାପାଳ ଏକାଦଶ ଟିମ୍‌କୁ ଟ୍ରଫି ପ୍ରଦାନ କରାଯାଉଛି ।

## ସଂକ୍ଷେପରେ

### ବରିଷ୍ଠ ନାଗରିକ ମଞ୍ଚର ଦସ୍ତଖତ ଅଭିଯାନ

**ବ୍ରହ୍ମପୁର ଅଫିସ,୧୫।୧୨:** ବ୍ରହ୍ମପୁର-ପୁରୀ ଦୈନିକ ରେଳ ଚଳାଚଳ ସହ ୫ ଦଫା ଦାବି ନେଇ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ରବିବାର ଏକ ଦସ୍ତଖତ ଅଭିଯାନ ଖଲ୍ଲିକୋଟ କଲେଜ ଖେଳପଡିଆରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପଲାସା-କଟକ ପାସେଞ୍ଜର ଟ୍ରେନ୍‌ରେ ସ୍ୱତନ୍ତ୍ର ପାଞ୍ଚୋଟି ବଗି ସଂଯୋଗ କରିବା ସହ ତାକୁ ପୁରୀ ପର୍ଯ୍ୟନ୍ତ ବର୍ଦ୍ଧିତ କରିବା, ବ୍ରହ୍ମପୁର ରେଳଷ୍ଟେଶନ ସମ୍ମୁଖରେ ଗ୍ରୀନ୍ ସେଡ ନିର୍ମାଣ କରିବା, ଷ୍ଟେଶନ ବାହାରେ ଯାତ୍ରୀଙ୍କ ପାଇଁ ଶୌଚାଳୟ, ପରିସ୍ରାଗାର, ପାନୀୟ ଜଳ ବ୍ୟବସ୍ଥା, ପାସେଞ୍ଜର ଓ ଏକ୍ସପ୍ରେସ ଟ୍ରେନରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା, ଭୁବନେଶ୍ୱର-ବିଶାଖାପାଟଣା ଇଣ୍ଟର ସିଟି ଏକ୍ସପ୍ରେସରୁ ସୁପରଫାଷ୍ଟ ଭଡା ବାତିଲ କରିବା ପ୍ରଭୃତି ନେଇ ସଂଘ ଦାବି କରିଥିଲା । ସଭାପତି ତ୍ରିନାଥ ମହାରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସଭାପତି ପ୍ରମୋଦ କୁମାର ସାହୁ, ସମ୍ପାଦକ ବଦ୍ରି ପ୍ରସାଦ ପାତ୍ର, ଯୁଗ୍ମ ସମ୍ପାଦକ ସୁଶାନ୍ତ କୁମାର ପଟ୍ଟନାୟକ, ପ୍ରତାପ ଚନ୍ଦ୍ର ପଣ୍ଡା, ବୃନ୍ଦାବନ ଖଟେଇ, ରମେଶ ଚନ୍ଦ୍ର ସାହୁ, ସୂର୍ଯ୍ୟନାରାୟଣ ବେହେରା ପ୍ରମୁଖ ସାମିଲ ହୋଇଥିଲେ ।

### ଶିକ୍ଷୟିତ୍ରୀଙ୍କ ଘରୁ ସ୍କୁଟି, ସୁନାଗହଣା ଲୁଟ୍

**ଫୁଲବାଣୀ ଅଫିସ, ୧୫।୧୨:** ଫୁଲବାଣୀ ଟାଉନ ଥାନା ଅଞ୍ଚଳରେ ବାରମ୍ବାର ଚୋରି, ଛିନତାଇ ଘଟୁଛି। ଲୁଟେରାଙ୍କୁ ପୋଲିସ ଧରିବାରେ ସକ୍ଷମ ହେଉ ନ ଥିବାରୁ ଚୋରି ବଢ଼ିବାରେ ଲାଗିଛି । ଯାହାକୁ ନେଇ ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଶନିବାର ରାତିରେ ୨ ଜଣଙ୍କ ଘର ତାଲା ଭାଙ୍ଗି ଲୁଟେରା ସ୍କୁଟି ଓ ସୁନାଗହଣା ଲୁଟି ନେଇଛନ୍ତି।

ହାଟପଦା ସାହିରେ ରୁହନ୍ତି ଶିକ୍ଷୟିତ୍ରୀ ନର୍ମଦା ମହାନ୍ତି। ୩ ଦିନ ତଳେ ସେ ଭୁବନେଶ୍ୱର ଯାଇଥିଲେ । ଏହାର ସୁଯୋଗ ନେଇ ଲୁଟେରା ଶନିବାର ବିଳମ୍ବିତ ରାତିରେ ଗେଟତାଲା ଭାଙ୍ଗି ତାଙ୍କ ଘରେ ଥିବା ଏକ ସ୍କୁଟି (ଓଆର୧୨-୯୨୬୪) ଓ ପ୍ରାୟ ୬ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଛନ୍ତି। ସେହିପରି ପାଖ ଘରେ ରହୁଥିବା ଶିକ୍ଷୟିତ୍ରୀଙ୍କ ଭଉଣୀ କଳ୍ପନାଙ୍କ ଘର ତାଲାଭାଙ୍ଗି ମଧ୍ୟ ଲୁଟ କରିଛନ୍ତି। ଘରର ତାଲା ଭଙ୍ଗା ଯାଇଥିବା ରବିବାର ସକାଳେ ପଡୋଶୀ ଦେଖି ନର୍ମଦାଙ୍କୁ ଫୋନ କରି ଜଣାଇଥିଲେ। ନର୍ମଦା ସୁଦ୍ରୁକୁମ୍ପାରେ ରହୁଥିବା ତାଙ୍କ ଭାଇ କାବୁଲା ମହାନ୍ତିଙ୍କୁ ଜଣାଇଥିଲେ । ପରେ କାବୁଲା ଏ ନେଇ ଥାନାରେ ଅଭିଯୋଗ କରିଥିଲେ । ଥାନାଧିକାରୀ ନରେନ୍ଦ୍ର ସାହୁ ସନ୍ଧାନୀ କୁକୁର ସହ ତଦନ୍ତ କରିଛନ୍ତି। ହେଲେ କାହାରିକୁ ଗିରଫ କରାଯାଇନାହିଁ। ଅଞ୍ଚଳରେ ରାତ୍ରି କାଳୀନ ପାଟ୍ରୋଲିଂ ବ୍ୟବସ୍ଥା ଠିକ୍ ନାହିଁ ବୋଲି ସହରବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ବଡ଼ ମେଡିକାଲର ଗୁମର କଥା

# ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା ପ୍ରହସନ

**ବ୍ରହ୍ମପୁର ଅଫିସ,୧୫।୧୨**




ମହାରାଜ କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜ ଦକ୍ଷିଣ ଓଡ଼ିଶାର ଏକ ମାତ୍ର ଭରସାଯୋଗ୍ୟ ହସ୍ପିଟାଲ। ଏହି ହସ୍ପିଟାଲ ଉପରେ ପଡୋଶୀ ଆନ୍ଧ୍ରପ୍ରଦେଶ ଓ ପୁରୀ, ଖୋର୍ଦ୍ଧା ଅଞ୍ଚଳର ରୋଗୀମାନେ ନିର୍ଭର କରୁଛନ୍ତି। ରୋଗୀଙ୍କୁ ଡାକ୍ତରମାନେ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ସେମାନଙ୍କୁ ମୋଟା ଅଙ୍କର ଦରମା ସରକାର ଦେଉଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଧିକ ସ୍ୱଚ୍ଛତା ଆଣିବା ସହ ଡାକ୍ତରମାନଙ୍କ ନର୍ସିଂହୋମ ପ୍ରୀତି ଉପରେ ରୋକ ଲଗାଇବା ପାଇଁ ଏମ୍‌କେସିଜି ମେଡିକାଲରେ ବୟୋମେଟ୍ରିକ ବ୍ୟବସ୍ଥା ସହ ମେଡିକାଲରେ ସିସି ଟିଭି ଖଞ୍ଜା ଯାଇଛି। ହେଲେ ଏହି ବ୍ୟବସ୍ଥା ଏବେ ପ୍ରହସନ ପାଲଟିଛି। ସେଠାରେ ଏବେ ବି ଲାଗିରହିଛି ହସ୍ପିଟାଲ ଭିତରକୁ ଯିବାବେଳେ ଡାକ୍ତରମାନେ ବୟୋମେଟ୍ରିକ ମେଶିନରେ ଫିଙ୍ଗର ପ୍ରିଣ୍ଟ ଦେଉଛନ୍ତି। ଅଳ୍ପ କେତେକ ରୋଗୀଙ୍କୁ ଦେଖିବା ପରେ ହସ୍ପିଟାଲର ଅନ୍ୟ ରାସ୍ତା ଦେଇ ଡାକ୍ତରମାନେ ବିଭିନ୍ନ ନର୍ସିଂହୋମକୁ ଚାଲିଯାଉଛନ୍ତି। ଏମ୍‌କେସିଜି ମେଡିକାଲରେ ଲାଗିରହିଥିବା ଏଭଳି ଅବ୍ୟବସ୍ଥା ଦୂର କରିବା ପାଇଁ ବହୁ ଅନୁଷ୍ଠାନ ଜିଲା ପ୍ରଶାସନ ନିକଟରେ ବିଭିନ୍ନ ସମୟରେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ନା ସରକାର ନା ଏମ୍‌କେସିଜି କର୍ତ୍ତୃପକ୍ଷ ଏଥିପ୍ରତି ଆନ୍ତରିକତା ଦେଖାଉଛନ୍ତି ବୋଲି କେତେକ ସଂଘ ପକ୍ଷରୁ ମଧ୍ୟ ଅଭିଯୋଗ ହୋଇଛି। ଏମ୍‌କେସିଜି ମେଡିକାଲ ଡାକ୍ତରମାନେ

**ଡାକ୍ତରଙ୍କ ଘରୋଇ ନର୍ସିଂହୋମ ପ୍ରୀତି ବଢ଼ୁଛି**

ହସ୍ପିଟାଲ ଭିତରକୁ ରୋଗୀମାନଙ୍କୁ ଚିକିତ୍ସା କରିବା ପାଇଁ ଯାଉଛନ୍ତି। କିଛି ସମୟ ପରେ ପିଜି ଛାତ୍ରଙ୍କୁ ଏହି ଦାୟିତ୍ୱ ହସ୍ତାନ୍ତର କରି ସେଠାରୁ ଖସି ପଳାଇ ନର୍ସିଂହୋମରେ ରୋଗୀମାନଙ୍କୁ ଚିକିତ୍ସା କରୁଛନ୍ତି ବୋଲି ମାନବ ଅଧିକାର ସୁରକ୍ଷା ମଞ୍ଚ (ଏମ୍‌ଏଏସ୍‌ଏମ୍) ପକ୍ଷରୁ ଅନେକ ଥର ଘଣ୍ଟ ଯାତ୍ରା ମାଧ୍ୟମରେ ଉଭୟ ମେଡିକାଲ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ହେଲେ ଅଦ୍ୟାବଧି କୌଣସି ପରିବର୍ତ୍ତନ ଘଟିନାହିଁ। ବରଂ ଏହା ଏବେ ଏକ ପ୍ରହସନ ପାଲଟିଛି ବୋଲି ଏମ୍‌ଏଏସ୍‌ଏମ୍‌ର ଆବାହକ ଅବନୀ ଗୟା ମତ ପ୍ରକାଶ କରିଛନ୍ତି। ବ୍ରହ୍ମପୁର ପୋଲିସ ଆରକ୍ଷୀ ଅଧୀକ୍ଷକ ଓ ଆରଡ଼ିସି ଏମ୍‌କେସିଜି ମେଡିକାଲରେ କାର୍ଯ୍ୟରତ ଡାକ୍ତରମାନେ ଯେଉଁଭଳି ଭାବେ ରୋଗୀ ସେବା ନ ଦେଇ ନର୍ସିଂହୋମ ଚାଲିଯାଉଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏମ୍‌ଏଏସ୍‌ଏମ୍‌ର ଅବନୀ ଗୟା ଦାବି କରିଛନ୍ତି। ସେହିପରି ଏମ୍‌କେସିଜି ମେଡିକାଲ ଡ଼ିନ ତଥା ଅଧକ୍ଷ ପ୍ରଫେସର ରାଧାମାଧବ ତ୍ରିପାଠୀ କୁହନ୍ତି, ହସ୍ପିଟାଲରେ ରୋଗୀ ସେବାରେ ସ୍ୱଚ୍ଛତା ଆଣିବା ପାଇଁ ଏବେ ୨୦ ସ୍ଥାନରେ ନୂତନ ଜ୍ଞାନ କୌଶଳରେ ନିର୍ମିତ ବାୟୋମେଟ୍ରିକ ବ୍ୟବସ୍ଥା ଲାଗୁ କରାଯାଇଛି। ଅନ୍ୟପଟେ ଡାକ୍ତରମାନଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ମେଡିକାଲରେ ସିସି ଟିଭି ଖଞ୍ଜାଯାଇଥିବା ବେଳେ ଏକ ଟିମ୍ ଗଠନ କରାଯାଇଛି ବୋଲି ସେ କହିଛନ୍ତି। ବିଗତ ଦିନରେ କେତେକ ଡାକ୍ତର ଏହାର ଖିଲାପ କରିଥିବା ବେଳେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଦରମା ବନ୍ଦ କରାଯାଇଛି ବୋଲି ଏମ୍‌କେସିଜି ଡ଼ିନ ପ୍ରଫେସର ତ୍ରିପାଠୀ ସୂଚନା ଦେଇଛନ୍ତି।



ଧନୁ ସଂକ୍ରାନ୍ତି ଉପଲକ୍ଷେ ରବିବାର ବ୍ରହ୍ମପୁର ସହରରେ ମୁଆଁ ବିକ୍ରି ଆରମ୍ଭ ହୋଇଛି। (ଫଟୋ-ସମୀର)

## ନିଖିଳ ଉତ୍କଳ ଅଳୀୟ ଖଣ୍ଡାୟତ ସମାଜର ବାର୍ଷିକ ସମ୍ମିଳନୀ



ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି ।

**ବ୍ରହ୍ମପୁର ଅଫିସ,୧୫।୧୨**

ନିଖିଳ ଉତ୍କଳ ଅଳୀୟ ଖଣ୍ଡାୟତ ସମାଜ ବ୍ରହ୍ମପୁର ମଣ୍ଡଳର ୨୫ତମ ବାର୍ଷିକ ସମ୍ମିଳନୀ ତଥା ରଜତ ଜୟନ୍ତୀ ସାଂସ୍କୃତିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି । ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିଥିଲେ। ବୈଦ୍ୟନାଥେଶ୍ୱର ଶିବ ମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ବିଡିଏ ଅଧକ୍ଷ ସୁବାସ ଚନ୍ଦ୍ର ମହାରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବ୍ରହ୍ମପୁର ମଣ୍ଡଳ ସଭାପତି ନିରଞ୍ଜନ ମହାନ୍ତି କୁଳପତାକା ଉତ୍ତୋଳନ କରିଥିଲେ । ନିର୍ବାଚନ ଅଧିକାରୀ ଅନିଲ ନାୟକ ଓ ରମେଶ ବିଶ୍ୱାଳ କୁଳଦୀପ ପ୍ରଜ୍ୱଳନ କରିଥିଲେ । ସୀମାଞ୍ଚଳ ନାହାକ ଅତିଥି ପରିଚୟ ପ୍ରଦାନ କରିଥିଲେ । ବ୍ରହ୍ମପୁର ମଣ୍ଡଳ ସମ୍ପାଦକ ଧବଳେଶ୍ୱର ଭଞ୍ଜ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ବ୍ରହ୍ମପୁର ମଣ୍ଡଳ ତରଫରୁ ସ୍ୱର୍ଗତ କୁଞ୍ଜନ ଭଞ୍ଜ ସ୍ମାରକୀ ଓ ସ୍ୱର୍ଗତ କାଶୀନାଥ ଖଣ୍ଡୁଆଳ ଟ୍ରଷ୍ଟ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଅବସରରେ ସମାଜ ପକ୍ଷରୁ ସ୍ମରଣିକା ଉନ୍ମୋଚନ ହୋଇଥିଲା । ସାଂଗଠନିକ ସମ୍ପାଦକ ଖଲି ପରିଡା, ନିରଞ୍ଜନ ନାୟକ, ସ୍ୱେଚ୍ଛାସେବୀ ସୂର୍ଯ୍ୟନାରାୟଣ ପରିଡାଙ୍କ ସମେତ ନିଖିଳ ଉତ୍କଳ ଅଳୀୟ ଖଣ୍ଡାୟତ ମଣ୍ଡଳର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ । ସୀମାଞ୍ଚଳ ନାହାକ ଧନ୍ୟବାଦ ଦେଇଥିଲେ ।

## ଚା' ଦିବସରେ ପ୍ଲାଷ୍ଟିକ ବର୍ଜନ ସଚେତନତା ବାର୍ତ୍ତା

**ବ୍ରହ୍ମପୁର ଅଫିସ,୧୫।୧୨**

ବ୍ରହ୍ମପୁର ବଡଖେମୁଣ୍ଡି ସାହିସ୍ଥିତ କାଳୁଆ ମଣ୍ଡପରେ ଆନ୍ତର୍ଜାତୀୟ ଚା ଦିବସ ପାଳିତ ହୋଇଯାଇଛି । ସମ୍ପର୍କ ମାସ ମିଡିଆ ପ୍ରଭାରୀ ସନତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଦିବସ ପାଳନ ଉତ୍ସବରେ ସନ୍ଦେଶ ପଟିକା ଏବେ ପ୍ଲାଷ୍ଟିକ କହିବା ନା' ଉନ୍ମୋଚିତ ହୋଇଥିଲା। ଏହି ସନ୍ଦେଶକୁ ସହରରେ ରହିଥିବା ଚା' ଦୋକାନରୁ ଆରମ୍ଭ କରିବା ସହ ଚା' ଦିବସରେ ଦୋକାନୀଙ୍କୁ ପ୍ଲାଷ୍ଟିକ ବର୍ଜନ ଉପରେ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏଥିରେ ମହିଳାନେତ୍ରୀ ତଥା ପୂର୍ବତନ କର୍ପୋରେଟର ସଙ୍ଘମିତ୍ରା ଦଳାଇ, ହେମାଙ୍ଗ ରାଉଳ, ରବି ମହାରଣା, ଅମର ଦାଶ, ସୁଦୀପ ସାହୁ, ଅଶୋକ ବ୍ରହ୍ମା, ବିନୋଶ ମହାଙ୍କୁଡ, କାଳୀ ଦାଶ ଓ ଶିବ ଶଙ୍କର ମହାରଣା ପ୍ରମୁଖ ଉପସ୍ଥିତ ରହି ଦିବସ ପାଳନର ଗୁରୁତ୍ୱ ଓ ଚା' କପରେ ଥିବା ସକାଳର ସତେଜତା, ବନ୍ଧୁତା ଓ ସାମାଜିକ ସେବା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନେ ପର୍ଯ୍ୟଟନ ଭାରତ ସମ୍ପାଦକ ନାରାୟଣ ମହାଙ୍କୁଡ, ମହିମା ସମ୍ପାଦକ ଶିବ ସୁନ୍ଦର ରଥ, ପୂର୍ବତନ କର୍ପୋରେଟର ଲିଲି ବେହେରା, ସମାଜିକକର୍ମୀ ଦିଲୀପ ସ୍ୱାଇଁ, ରବି ଦାଶ ଓ ମନୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା

**ବ୍ରହ୍ମପୁର ଅଫିସ,୧୫।୧୨**

ଓଡିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘ ବ୍ରହ୍ମପୁର ଶାଖା କର୍ମକର୍ତ୍ତା ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି । ଲାଞ୍ଜିପଲ୍ଲୀ କାଞ୍ଜିଆମ୍ମା ମନ୍ଦିର ପରିସରରେ ସଂଘ ସଭାପତି ଅକ୍ଷୟ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ମହାପାତ୍ର, ଉପସଭାପତି ପ୍ରଫୁଲ୍ଲ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ସୂର୍ଯ୍ୟନାରାୟଣ ବିଶୋୟୀ, ସଂଗଠନ ସମ୍ପାଦକ ଟି. ଅପାରାଓ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଲକ୍ଷ୍ମୀ ପାତ୍ର, କାଳୁଚରଣ ସାହୁ, ଟି. ଆପ୍ପାରାଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହାପରେ ଶାଖାର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଆସନ୍ତା ୨୨ରୁ ୨୫ ପର୍ଯ୍ୟନ୍ତ ୫୩ତମ ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହେବା ନେଇ ସୂଚନା ଦିଆଯାଇଥିଲା । ସଂଘ କର୍ମକର୍ତ୍ତା ଓ ସଦସ୍ୟଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ସହ ସଂଘକୁ ଅଧିକ ସୁଦୃଢ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ସଂଘ ସଭାପତି ଓ ଶାଖା ସମ୍ପାଦକ କ୍ଷୀରୋଦ କୁମାର ସେଠୀ ନିର୍ବାଚନ ପରିଚାଳନା କରିଥିଲେ । ବିଇଡି-୧ ଡିଭିଜନ ସମ୍ପାଦକ ଭାବେ ଗୋପୀନାଥ ରାଉତଙ୍କୁ ଚୟନ କରାଯାଇଥିବା ବେଳେ ସହକାରୀ ଡିଭିଜନ ସମ୍ପାଦକ ଭାବେ ଲେଲିନ କୁମାର ସେଠୀଙ୍କୁ ଚୟନ କରାଯାଇଥିଲା । ଧନଞ୍ଜୟ ପରିଡାଙ୍କୁ ବିଇଡି-୨ ଡିଭିଜନ ସମ୍ପାଦକ ଓ ସଞ୍ଜୀବ କୁମାର ଜେନାଙ୍କୁ ସହକାରୀ ଡିଭିଜନ ସମ୍ପାଦକ ଭାବେ ଚୟନ କରାଯାଇଥିଲା। ସେହିପରି ବିଇଡି-୩ର ଡିଭିଜନ ସମ୍ପାଦକ ଭାବେ ରମେଶ ଚନ୍ଦ୍ର ତରାଇ ଓ ସହକାରୀ ଡିଭିଜନ ସମ୍ପାଦକ ଜିତେନ୍ଦ୍ର ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା। ଦିଲୀପ କୁମାର ପ୍ରଧାନ, ପ୍ରତାପ ଛଟୋଇ, ଏଲ.ଶ୍ରୀନୁ, ନୀଳମାଧବ ଦାଶ, ଆଶୋକ ପଟ୍ଟନାୟକ, ମହେନ୍ଦ୍ର କୁମାର ନାଥ ପ୍ରମୁଖ କାର୍ଯ୍ୟକାରୀ ସଦସ୍ୟ ଭାବେ ଚୟନ ହୋଇଥିଲେ ।




ଉପସ୍ଥିତ ମଞ୍ଚାସୀନ ଅତିଥି ।

## ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଶ୍ରାଦ୍ଧ ଦିବସ

**ବ୍ରହ୍ମପୁର ଅଫିସ,୧୫।୧୨**

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ବହୁମୁଖୀ ସଂଘ ପକ୍ଷରୁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୬୯ତମ ଶ୍ରାଦ୍ଧ ଦିବସ ରବିବାର ପାଳିତ ହୋଇଯାଇଛି। ଏହି ପରିପେକ୍ଷୀରେ ପୂର୍ବାହ୍ନରେ ସ୍ଥାନୀୟ କୋର୍ଟପେଟାସ୍ଥିତ ପୋଖରୀରେ ତିଳତର୍ପଣ କରାଯାଇ ପଟେଲଙ୍କ ସ୍ମୃତିଚାରଣ କରାଯାଇଥିଲା। ସଂଘ ସଭାପତି ରାମ କୁମାର ପାତ୍ର ପଟେଲଙ୍କ ଜୀବନ ଅଦର୍ଶ ଉପରେ ଆଲୋକପାତ କରିଥିଲେ। ପଟେଲଙ୍କ ଜୀବନ ଆଦର୍ଶରେ ଅନୁପ୍ରାଣିତ ହେବାକୁ ସଭାପତି ପାତ୍ର ଯୁବ ସମାଜକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଘର କିରଣ କୁମାର ସାହୁ, ପ୍ରହଲ୍ଲାଦ ପାଣିଗ୍ରାହୀ, ଅଶୋକ ନିମାଇଁ, ରବି କୁମାର, ନାରାୟଣ ଶରାବ, ସନ୍ତୋଷ ରାଓ, ମନୋଜ ମହାରଣା, ସନ୍ଦେଶ ଦାସ, ଉଦୟ ପ୍ରଧାନ, ଦେବରାଜ ନାୟକ, କେଶବ ଚନ୍ଦ୍ର ପାଢ଼ୀ, ଭଗବାନ ଭୂୟାଁଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ୩ ମାସରେ ୧୨ ଲଣ୍ଡାପାହାଡରେ ବୁଣିଛି ୩ ଲକ୍ଷରୁ ଊର୍ଦ୍ଧ୍ୱ ମଞ୍ଜି

**ବ୍ରହ୍ମପୁର ଅଫିସ,୧୫।୧୨**

**ଫୋରମ ଫର୍ ଗଞ୍ଜାମର ପୂର୍ତ୍ତି ସମ୍ମିଳନୀ**

ଫୋରମ ଫର୍ ଗଞ୍ଜାମର ୫ ବର୍ଷ ପୂର୍ତ୍ତି ଅବସରରେ ଏକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। କମାପଲ୍ଲୀ ସଙ୍କଳ୍ପ ସମ୍ମିଳନୀ କକ୍ଷରେ ଫୋରମ ଅଧ୍ୟକ୍ଷ ଡା. ନୃସିଂହ ଚରଣ ପାଢୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନ ଉପଦେଷ୍ଟା ପ୍ରଫେସର ପି. ଏସ୍.ଏନ୍. ପାତ୍ର, ସଂଯୋଜକ ସୁଧୀର ରାଉତ, ଇ. ତେଜେଶ୍ୱର ରାଓ ମଞ୍ଚାସୀନ ଥିଲେ । ବରିଷ୍ଠ ସଦସ୍ୟ ଶ୍ୟାମ ସୁନ୍ଦର ଖାଡଙ୍ଗା ଫୋରମର ୫ ବର୍ଷର ଆନ୍ଦୋଳନ ଓ ସଫଳତା ଉପରେ ଗୁରୁତ୍ୱାରୋପ କରିଥିଲେ । ଦୀର୍ଘ ୫ ବର୍ଷ ମଧ୍ୟରେ ଅନୁଷ୍ଠାନ ବ୍ରହ୍ମପୁର ତଥା ଗଞ୍ଜାମ ଜିଲାରେ ଶିକ୍ଷା, ସ୍ୱାସ୍ଥ୍ୟର ବିକାଶ ଦିଗରେ ବିଭିନ୍ନ ସମୟରେ ଆନ୍ଦୋଳନ କରିଛି । ବିଶେଷ କରି ବ୍ରହ୍ମପୁରରେ ଆଇଜର ସ୍ଥାପନ, ଜାନିବିଲି ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ରୂପାୟନ, ରାମ ଲିଙ୍ଗମ୍ ପୋଖରୀ ସୌନ୍ଦର୍ଯ୍ୟକରଣ, ବ୍ରହ୍ମପୁର ମହାନଗର ନିଗମ ଓ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷରେ ଏକକ ଶାସନ ସହ ଜଣେ ଦକ୍ଷ ଆଇଏସ୍ ଅଫିସରଙ୍କୁ ନିଯୁକ୍ତି, ଏମ୍‌କେସିଜି ଓ ସିଟି ହସ୍‌ପିଟାଲର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ପ୍ରଦାନ ପ୍ରଭୃତି କ୍ଷେତ୍ରରେ ଆନ୍ଦୋଳନ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ସଫଳ ହୋଇଛି। ଗଞ୍ଜାମ ଜିଲା ସମେତ ରାଜ୍ୟରେ ଶୋଭାଯାତ୍ରା ମାଧ୍ୟମରେ ପ୍ଲାଷ୍ଟିକ, ପଲିଥିନ, ଜଳ ସଂରକ୍ଷଣ ଦିଗରେ ସଚେତନତା ସୃଷ୍ଟି କରିଥିବା ଖାଡଙ୍ଗା ସୂଚାଇଥିଲେ । ଅନୁଷ୍ଠାନ ସମସ୍ୟା ଗୁଡିକର ପାଖକୁ ଯାଇ ସମାଧାନ ରାସ୍ତା ବାହାର କରିଥିବାରୁ ଆନ୍ଦୋଳନ ସଫଳତା ହାସଲ କରିପାରିଛି ବୋଲି ସଂଯୋଜକ ରାଉତ କହିଥିଲେ। ବର୍ତ୍ତମାନ ଗଞ୍ଜାମ ଜିଲାରେ ଥିବା ବୃକ୍ଷଶୂନ୍ୟ ତଥା ଲଣ୍ଡା ପାହାଡଗୁଡିକରେ ପୁନଃ କୃତ୍ରିମ ଜଙ୍ଗଲ ସୃଷ୍ଟି କରିବା ଦିଗରେ ନିକଟରେ ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ ପକ୍ଷରୁ ଆରମ୍ଭ ହୋଇଥିବା ଅଭିଯାନରେ ଫୋରମ ଫର ଗଞ୍ଜାମ ସାମିଲ ହେବା ସହ ୩ ମାସ ମଧ୍ୟରେ ୧୨ ପାହାଡରେ ସିଡବଲ ମାଧ୍ୟମରେ ୩ ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ମଞ୍ଜି ବୁଣା ଯାଇଥିବା ଅନୁଷ୍ଠାନ ସଂଯୋଜକ କହିଥିଲେ ।




ସମ୍ମିଳନୀରେ ମଞ୍ଚାସୀନ ଫୋରମ କର୍ମକର୍ତ୍ତା।

## ପ୍ରାଣୀଚିକିତ୍ସା କର୍ମଚାରୀ ସଂଘର ଜିଲାସ୍ତରୀୟ ସମ୍ମିଳନୀ

# ଆଉଟ୍‌ସୋର୍ସିଂ ବ୍ୟବସ୍ଥା ଉଚ୍ଛେଦ ଦାବି

**ବ୍ରହ୍ମପୁର ଅଫିସ,୧୫।୧୨**




ମଞ୍ଚାସୀନ ଅତିଥି ।

ରାଜ୍ୟ ପ୍ରାଣୀପାଳନ ପ୍ରାଣୀଚିକିତ୍ସା ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘ ଗଞ୍ଜାମ ଜିଲା ଶାଖାର ୧୦ମ ଜିଲାସ୍ତରୀୟ ତ୍ରିବାର୍ଷିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ତ୍ରିନାଥ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତି କାର୍ଯ୍ୟକାରୀ ସଭାପତି ପ୍ରସନ୍ନ କୁମାର ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସଂଘ ସଭାପତି ଭଗବାନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ପ୍ରାଣୀପାଳନ ଚିକିତ୍ସା ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘ ସଭାପତି ଦିଗମ୍ବର ସାମଲ, ସମ୍ପାଦକ ପ୍ରଶାନ୍ତ କୁମାର ନାୟକ, ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତି ଗଞ୍ଜାମ ଶାଖା ସଭାପତି ସମୀର କୁମାର ଆଚାର୍ଯ୍ୟ ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ପାଦକ ବିଜୟ ବିଶ୍ୱାଳ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଗଞ୍ଜାମ ଜିଲା ଶାଖା ସଂଯୋଜକ ପ୍ରଦୀପ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ପ୍ରାଣୀ ଚିକିତ୍ସା ବିଭାଗରେ କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ନିୟମିତ ଗସ୍ତ ଭତ୍ତା ପ୍ରଦାନ କରା ନ ଯିବାକୁ ନେଇ କ୍ଷୋଭ ପ୍ରକାଶ ପାଇଥିଲା । ପଶୁପକ୍ଷୀଙ୍କୁ ଡ୍ରେସିଂ କରୁଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ପଦୋନ୍ନତି କରାଯାଇ ଡ୍ରେସର ପଦବୀ ସୃଷ୍ଟି କରିବା ସହ ପଶୁପକ୍ଷୀଙ୍କୁ ପ୍ରାଥମିକ ଚିକିତ୍ସା ଦିଗରେ ତାଲିମ, ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଅବସର ସମୟସୀମା ବୃଦ୍ଧି, ପଶୁପକ୍ଷୀଙ୍କ ଚିକିତ୍ସାରେ ସାହାଯ୍ୟ କରିବା ତଥା ବିଜ୍ଞାନାଗାରରେ କାର୍ଯ୍ୟ କରିବାରେ ରିସ୍କ ରହିଥିବାରୁ ଆଲାଉନ୍‌ସ ପ୍ରଦାନ କରିବା ନେଇ ଦାବି ଉପସ୍ଥାପନ କରାଯାଇଥିଲା। ଏହାବ୍ୟତୀତ ବର୍ତ୍ତମାନ ପ୍ରାଣୀ ଚିକିତ୍ସା ବିଭାଗରେ ଥିବା ଆଉଟ୍‌ସୋର୍ସିଂ ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇ ନିୟମିତ ନିଯୁକ୍ତି ପ୍ରଦାନ କରିବାକୁ ମଧ୍ୟ ସଂଘ ପକ୍ଷରୁ ଦାବି କରାଯାଇଥିଲା। ଏହି ଅବସରରେ ସଂଘ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଭଗବାନ ପ୍ରଧାନଙ୍କୁ ପୁନର୍ବାର ସଭାପତି ଭାବେ ନିର୍ବାଚିତ କରାଯାଇଥିବା ବେଳେ ସନ୍ତୋଷ କୁମାର ଦାଶ ଉପସଭାପତି, ପୀତବାସ ପଟ୍ଟନାୟକ ସମ୍ପାଦକ, ସନ୍ତୋଷ କୁମାର ପଟ୍ଟନାୟକ ଯୁଗ୍ମ ସମ୍ପାଦକ, କୃଷ୍ଣଚନ୍ଦ୍ର ପଣ୍ଡିତ କୋଷାଧ୍ୟକ୍ଷ, ଶିଶିର କୁମାର ଷଡ଼ଙ୍ଗୀ ସଂଗଠନ ସମ୍ପାଦକ, ସୁବାସ ରାଓ ଉପଦେଷ୍ଟା ଭାବେ ନିର୍ବାଚିତ ହୋଇଥିଲେ।

## ସଂକ୍ଷେପରେ

### ଭଲିବଲ ଟୁର୍ନାମେଣ୍ଟ ପ୍ରସ୍ତୁତି ବୈଠକ

**ଶଙ୍କରାଖୋଲ,୧୫।୧୨(ଡି.ଏନ୍.ଏ.):** ଟିକାବାଲି ନିକଟ ବାହାଡା ସାହି ଛକଠାରେ ଜିଲାସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ପାଇଁ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟ ୨୨ ତାରିଖଠାରୁ ଆରମ୍ଭ ହୋଇ ୨୯ ତାରିଖରେ ଶେଷ ହେବ ବୋଲି କ୍ଲବ ପକ୍ଷରୁ କୁହାଯାଇଛି। ଏଥିରେ ୧୬ ଭଲିବଲ ଦଳ ଅଂଶଗ୍ରହଣ କରିବେ। ବୈଠକରେ କ୍ଲବ ସଭାପତି ପ୍ରଭଞ୍ଜନ କହଁର, ଉପସଭାପତି ବିକ୍ରାନ୍ତ ଭୋଇ, ସମ୍ପାଦକ ସୁଶାନ୍ତ କୁମାର ମଳିକ, ସହ ସମ୍ପାଦକ ସାମନ୍ତ ଦିଗାଳ, କୋଷାଧ୍ୟକ୍ଷ ପ୍ରଦୀପ କହଁର ପ୍ରମୁଖ ଉପସ୍ଥିତ ଥିଲେ।

### ମହାବିଦ୍ୟାଳୟରେ କ୍ୟାରିୟର କାଉନ୍‌ସେଲିଂ

**ଶଙ୍କରାଖୋଲ,୧୫।୧୨(ଡି.ଏନ୍.ଏ.):** ଟିକାବାଲି ଏଏମ୍‌ସିଏସ୍ ମହାବିଦ୍ୟାଳୟ ପରିସରରେ ଶନିବାର କ୍ୟାରିୟର କାଉନ୍‌ସେଲିଂ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ଶ୍ରୀଧର ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ବିପର୍ଯ୍ୟୟ ପ୍ରଶାସକ ବିଭାଗର ସ୍ୱତନ୍ତ୍ର ଅଧିକାରୀ ଶୁଭଦତ୍ତାତ୍ରେୟ ବାହିନୀପତି ଯୋଗ ଦେଇ ନିଜେ କିପରି ସଫଳତା ପାଇଲେ ସେ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଅଧ୍ୟାପକ ଦୀନବନ୍ଧୁ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଡ.ବସନ୍ତ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଶକ୍ତି ସଂରକ୍ଷଣ ଦିବସ ପାଳିତ

**ଶଙ୍କରାଖୋଲ,୧୫।୧୨(ଡି.ଏନ୍.ଏ.):** ଚକାପାଦ ବ୍ଲକ ଶଙ୍କରାଖୋଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ବ୍ୟାନର ଓ ପ୍ଲାକାର୍ଡ ଧରି ଗ୍ରାମ ପରିକ୍ରମା କରିବା ସହ ବିଭିନ୍ନ ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନ କରିଥିଲେ। ପରେ ବିଦ୍ୟାଳୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ହୋଇଥିବା ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଟଙ୍କା ସହ ମାନ ପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ଜଗନ୍ନାଥ ସାହାଣି ପରିଚାଳନା କରିଥିଲେ।

### ବିଦ୍ୟୁତ୍ ତାର ଛିଣ୍ଡି ଦୁଇ ଗାଈ ମୃତ

**କାଶୀନଗର,୧୫।୧୨(ଡି.ଏନ୍.ଏ.):** କାଶୀନଗର ବ୍ଲକର ଅଲଡା ପଞ୍ଚାୟତ ଗୋରିମଡା ଗ୍ରାମରେ ବିଦ୍ୟୁତ୍ ତାର ଛିଣ୍ଡି ନାଲୁ ଶବରଙ୍କ ଦୁଇଟି ଗାଈଙ୍କ ମୃତ୍ୟୁ ଘଟିଛି। ରବିବାର ସକାଳୁ ଗାଈ ୨ଟି ଚରୁଥିବା ବେଳେ ତାଙ୍କ ଉପରେ ବିଦ୍ୟୁତ ତାର ଛିଣ୍ଡି ପଡିଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଗାଈ ୨ଟିର ମୂଲ୍ୟ ପ୍ରାୟ ୧୫ହଜାର ଟଙ୍କା ହେବ ବୋଲି ନାଲୁ କହିଛନ୍ତି। ତାଙ୍କୁ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# 'ସାହିତ୍ୟ ସବୁବେଳେ ସବୁ ବର୍ଗଙ୍କୁ ବାନ୍ଧି ରଖେ'

**ଫୁଲବାଣୀ ଅଫିସ,୧୫।୧୨**

କଳିଙ୍ଗ ସାହିତ୍ୟ ମହୋତ୍ସବ ପକ୍ଷରୁ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ପରିସରରେ ଦୁଇ ଦିନ ଧରି ଚାଲିଥିବା କନ୍ଧମାଳ ସାହିତ୍ୟ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି । ଦ୍ୱିତୀୟ ଦିନ କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଦୀର୍ଘ ୨୦ ବର୍ଷ ହେବ ସାହିତ୍ୟ ସହ ସେ ଜଡ଼ିତ ଅଛନ୍ତି, ସାହିତ୍ୟ ହୃଦୟରେ ରହିଛି ବୋଲି ଏମ୍‌ପି କହିଥିଲେ । କନ୍ଧମାଳରେ ପ୍ରତ୍ୟେକ ବର୍ଷ ଡିସେମ୍ବର ତୃତୀୟ ଶନିବାର ଓ ରବିବାର ସାହିତ୍ୟ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ଏମ୍‌ପି ଘୋଷଣା କରିଥିଲେ । ଏଥିପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ । ଏଭଳି ସାହିତ୍ୟ ଉତ୍ସବ ହେଲେ ସ୍ଥାନୀୟ କୁଇ, ଡମ୍ ଭାଷାର ପ୍ରଚାର ପ୍ରସାର ହେବ । ସାହିତ୍ୟ ହେଉଛି ଏପରି ଜିନିଷ ଯାହା ସବୁବେଳେ ସବୁ ସମୟରେ ସବୁ ବର୍ଗର ଲୋକଙ୍କୁ ବାନ୍ଧି



ସାହିତ୍ୟ ଉତ୍ସବରେ ଉପସ୍ଥିତ ଆଲୋଚକମାନେ ।

ରଖିବାରେ ସହାୟକ ହୁଏ ବୋଲି ଏମ୍‌ପି ତାଙ୍କ ବକ୍ତବ୍ୟରେ କହିଥିଲେ ।

ସମ୍ମାନିତ ଅତିଥି ଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଆଇନଜୀବୀ ବିଜୟକୃଷ୍ଣ ପଟ୍ଟନାୟକ, ସାମାଜିକ କର୍ମୀ ଈଶ୍ୱର ନାୟକ ପ୍ରମୁଖ ଯୋଗଦେଇ ସାହିତ୍ୟର ଉନ୍ନତି ଘଟିଲେ ଜାତି ଏବଂ ମାଟିର ଉନ୍ନତି ହେବ ବୋଲି କହିଥିଲେ। କଥାକାର ସୁଜିତ ପଣ୍ଡା, ଗିରିଜା ପ୍ରସାଦ ମିଶ୍ର, ରାମକୃଷ୍ଣ ମହାନ୍ତି ପ୍ରମୁଖ ଯୋଗଦେଇ ସେମାନଙ୍କ ସାରଗର୍ଭକ ଅଭିଭାଷଣ ରଖିଥିଲେ। ଏଥିସହ ସର୍ଜନାରେ ପ୍ରକୃତି ଓ ସଂସ୍କୃତିର ସମ୍ମିଶ୍ରଣ ବିଷୟବସ୍ତୁ ଉପରେ ସେମାନେ ଆଲୋଚନା କରିଥିଲେ । କଥାକାର ଆଦିତେଶ୍ୱର ମିଶ୍ର, କେଦାର ମିଶ୍ର, ହାଡିବନ୍ଧୁ ମହାକୁଡ, ବୀରେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ସେମାନଙ୍କ ମନ୍ତବ୍ୟ ରଖିଥିଲେ । ଆଲୋଚନାଚକ୍ରକୁ ମଦନ ମହାପାତ୍ର ସଞ୍ଚାଳନ କରିଥିଲେ ।

### କନ୍ଧମାଳ ସାହିତ୍ୟ ମହୋତ୍ସବ ଉଦ୍‌ଯାପିତ

ସେହିପରି ସାମାଜିକ ଗଣମାଧ୍ୟମ ଯୁଗରେ ତରୁଣ ଲେଖକଙ୍କ ପାଇଁ ସମ୍ଭାବନାକୁ ନେଇ ଆୟୋଜିତ ଆଲୋଚନାଚକ୍ରରେ କଥାକାର ଅନିଲ କୁମାର ପଣ୍ଡା, ଯୋଗେଶ୍ୱର ପଣ୍ଡା, ଦେବମିତ୍ରା ମିଶ୍ର ଯୋଗଦେଇ ସୋସିଆଲ ମିଡିଆ ନବ ପ୍ରତିଭାଙ୍କ ପାଇଁ ସୁଯୋଗ ସୃଷ୍ଟି କରୁଛି ବୋଲି କହିଥିଲେ । ଏହି ଅବସରରେ କହୁ କବୟିତ୍ରୀ କବି ସ୍ୱରଚିତ କବିତାପାଠ କରିଥିଲେ । କବି ଶରତ ଚନ୍ଦ୍ର ଆଚାର୍ଯ୍ୟ ସାହିତ୍ୟ ମହୋତ୍ସବ ପରିଚାଳନା କରିଥିବା ବେଳେ ରଶ୍ମିରଞ୍ଜନ ପରିଡା, ଦେବାଶିଷ ସାମନ୍ତରାୟ, ସୀତାଂଶୁ ମହାପାତ୍ର ସହଯୋଗ କରିଥିଲେ । ଏହି ଅବସରରେ ନଟରାଜ କଳାମନ୍ଦିର ସାଂସ୍କୃତିକ ଅନୁଷ୍ଠାନକୁ ମାନପତ୍ର ଏବଂ ସେବା ପାଇଁ ଟିମ୍ ହ୍ୟୁମାନିଟିକୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଉଦ୍‌ଘାଟିତ


ଏମ୍‌ପି ବିଭିନ୍ନ କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି।

**ଫୁଲବାଣୀ ଅଫିସ,୧୫।୧୨**

କନ୍ଧମାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ରବିବାର ଏମ୍‌ପି ଡା. ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ବିଭିନ୍ନ ଉଦ୍‌ଘାଟନ ଏବଂ ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ସ୍ୱାସ୍ଥ୍ୟ ମିଶନ ସହାୟତାରେ ନିର୍ମିତ ସମନ୍ୱିତ ପରୀକ୍ଷାଗାର, ଯାନ୍ତ୍ରିକ ଲୁଗାସଫା ଗୃହ, କର୍କଟ ରୋଗୀଙ୍କ ଉପଶମ କେନ୍ଦ୍ରକୁ ଏମ୍‌ପି ଉଦ୍‌ଘାଟନ କରିଥିଲେ । ଏମ୍‌ପିଙ୍କ ପାଣ୍ଠି ସହାୟତାରେ କିଣା ଯାଇଥିବା ଦୁଇଟି ଆମ୍ବୁଲାନ୍ସ ଜି.ଉଦୟଗିରି ଓ ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯୋଗାଇ ଦିଆଯାଇଥିଲା । ସେହିପରି ଆରଇସିପିଡିସିଏଲ ନୂଆ ଦିଲ୍ଲୀର ସିଏସ୍‌ଆର କାର୍ଯ୍ୟକ୍ରମ ସହାୟତାରେ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟ, ଫିରିଙ୍ଗିଆ ବ୍ଲକ ବାଲନ୍ଦାପଡା ଚିକିତ୍ସା କେନ୍ଦ୍ର, ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଗୋଟିଏ ଲେଖାଏ ଆମ୍ବୁଲାନ୍ସ ଦିଆଯାଇଥିଲା । ବିଗତ ଦିନରେ ୫-ଟି ଅଧିକାରୀମାନେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନରେ ଆସିଥିଲେ। ଏଠାରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଥିବା ରିପୋର୍ଟ ଆଧାରରେ ମୁଖ୍ୟମନ୍ତ୍ରୀ ରୋଗୀ କଲ୍ୟାଣ ସମିତିକୁ ୧୫ ଲକ୍ଷ ଟଙ୍କା ସହାୟତା ଦେଇଥିଲେ। ଉକ୍ତ ଟଙ୍କାରେ ଏସ୍‌ସି, ଚେୟାର ଟେବୁଲ, ଆଲମିରା, ଚପଲ ଷ୍ଟାଣ୍ଡ, ହୁଇଲ ଚେୟାର, ଫ୍ୟାନ ଆଦି କିଣାଯାଇ ରୋଗୀଙ୍କ ସେବାରେ ଲଗାଯାଇଛି । ଏସବୁକୁ ଏମ୍‌ପି ସାମନ୍ତ ବୁଲି ଦେଖିଥିଲେ। ପରେ ପାଦବିକୃତି ଅସ୍ତ୍ରୋପଚାର ହୋଇଥିବା ଶିଶୁଙ୍କୁ ଭେଟି କମ୍ବଳ ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଏସ୍‌ପି ପ୍ରତୀକ ଗୀତା ସିଂ, ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ, ବିଜୟ କୁମାର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ରାଜଶ୍ରୀ ପଟ୍ଟନାୟକ, ଅତିରିକ୍ତ ଚିକିତ୍ସାଧିକାରୀ ପ୍ରସନ୍ନ କୁମାର ତ୍ରିପାଠୀ ଓ ଡା.ମନୋରଞ୍ଜନ ରାଉତ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ବସନ୍ତ କୁମାର ପାତ୍ର, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ସସ୍ମିତା ଦେବୀ, ଜିଲା ସ୍ୱାସ୍ଥ୍ୟ ମିଶନ ପ୍ରକଳ୍ପ ପରିଚାଳକ ମନୋରଞ୍ଜନ ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କଲେ ପରିବହନ ମନ୍ତ୍ରୀ

**ରାଇକିଆ,୧୫।୧୨(ଡ଼ି.ଏନ.ଏ.)**

ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ରବିବାର ରାଇକିଆ ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ମନ୍ତ୍ରୀ ପ୍ରଥମେ ଜଗନ୍ନାଥ ମନ୍ଦିର ପରିସରରେ ଏକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ମିଳନୀ କକ୍ଷ ଓ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ । ଅତିଥି ଭାବେ ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷା ଆକାଂକ୍ଷା ପ୍ରଧାନ, ରାଇକିଆ ବ୍ଲକ ଅଧ୍ୟକ୍ଷା ମାନିନୀ ପ୍ରଧାନ, ଜିଲା ପରିଷଦ ସଭ୍ୟା ଝୁଲିମା ଦଳବେହେରା, ମୃତ୍ୟୁଞ୍ଜୟ ପାତ୍ର ଯୋଗ ଦେଇଥିଲେ। ପରେ ବିଜୟ ହାଇସ୍କୁଲଠାରେ ନବନିର୍ମିତ ବାସ୍କେଟବଲ କୋର୍ଟକୁ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ସେଠାରେ ମନ୍ତ୍ରୀ ଓ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ବିଧାୟକ ଉଦ୍‌ବୋଧନ ଦେବାସହ ଉପସ୍ଥିତ ଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ସ୍କୁଲ ପରିଚାଳନା କମିଟି ସଦସ୍ୟଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ରାଇକିଆ ସରପଞ୍ଚ ପଞ୍ଚୁ ପ୍ରଧାନ, ସମିତି ସଭ୍ୟା ମିନି ନାୟକ, ବେରେଡ଼ାକିଆ ସମିତିସଭ୍ୟା ଗୀତାଞ୍ଜଳି ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ବିଦ୍ୟାଳୟ ସମ୍ପାଦକ ଫାଦର ପ୍ରଦୋଷ ନାୟକ ପ୍ରମୁଖ ଯୋଗ ଦେଇଥିଲେ ।

# ନଷ୍ଟ କରାଗଲା ଗଞ୍ଜେଇ ଗଛ

**ଫିରିଙ୍ଗିଆ,୧୫।୧୨**

ଫିରିଙ୍ଗିଆ ଅଞ୍ଚଳରେ ଗଞ୍ଜେଇ ଗଛକଟା ଅଭିଯାନ ଜାରି ରହିଛି। ପୋଲିସ ଓ ଅବକାରୀ ବିଭାଗ ମିଳିତ ଉଦ୍ୟମରେ ଗତ ୧ ମାସ ହେଲା ବିଭିନ୍ନ ସ୍ଥାନରେ ହୋଇଥିବା ବେଆଇନ ଗଞ୍ଜେଇ ଚାଷ ନଷ୍ଟ କରାଯାଉଛି । ଫିରିଙ୍ଗିଆ ଥାନା ଅଧିକାରୀ ପି. ଶ୍ୟାମସୁନ୍ଦର ରାଓଙ୍କ ନେତୃତ୍ୱରେ ଡିମିରିଗୁଡା ପଞ୍ଚାୟତର କମ୍ବଳକାମ୍ବା, ବରପଦା, ଗଣ୍ଡାପଡା, କୁଟିଗୁଡା ଅଞ୍ଚଳର ୧୨୦ ଏକର ଜଙ୍ଗଲ ଜମି ଓ ପାହାଡ ଉପରେ ଲଗା ଯାଇଥିବା ଗଞ୍ଜେଇ ଗଛକୁ କାଟିବା ପରେ ପୋଡି ନଷ୍ଟ କରି ଦିଆଯାଇଛି । ଏହି ଅଭିଯାନରେ ୮୦ କର୍ମଚାରୀ ନିୟୋଜିତ ହୋଇଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ଏ ନେଇ ଥାନାରେ ନଂ.୧୧୪/୧୯ରେ ଏକ ମାମଲା ରୁଜୁ ହୋଇଛି ।

# ଏସ୍‌ଡିଏଏ ଫୁଟବଲ କପ: ସମ୍ବଲପୁର ଚାମ୍ପିୟନ୍

**ବାଲିଗୁଡା,୧୫।୧୨(ଡି.ଏନ୍.ଏ.)**

କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ କ୍ରୀଡା ସଂଘ (ଏସ୍‌ଏସ୍‌ଡିଏ) ଆନୁକୁଲ୍ୟରେ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଚାଲିଥିବା ଫୁଟ୍‌ବଲ କପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି।



ଅତିଥିଙ୍କ ଗହଣରେ ଚାମ୍ପିୟନ୍ ଦଳ।

ଫାଇନାଲ ମ୍ୟାଚ କେଏଫ୍‌ସି ଆଠଗଡ ଓ ସମ୍ବଲପୁର ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାକୁ ଗୋଲ୍ ଦେଇ ପାରି ନଥିଲେ। ପେନାଲ୍ଟି ଶୁଟ୍‌ଆଉଟର ଜରିଆରେ ସମ୍ବଲପୁର ୩-୨ରେ ବିଜୟୀ ହୋଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥିଭାବେ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ବାଲିଗୁଡା ବିଧାୟକ ଚକ୍ରମଣି କହଁର, ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ରବିଚନ୍ଦ୍ର ପାଳ ପ୍ରମୁଖ ମଞ୍ଚାସିନ ଥିଲେ। ଚାମ୍ପିୟନ ସମ୍ବଲପୁର ଦଳକୁ ଟ୍ରଫି ସହ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଥିବାବେଳେ। ରନର୍ସଅପ୍ ଆଠଗଡକୁ ଟ୍ରଫି ସହ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। କ୍ରୀଡା ସଂଘର ସମ୍ପାଦକ ଖେଳ ପରିଚାଳନା କରିଥିଲେ। ଶ୍ରୀନିବାସ ଦୋରା, ପ୍ରଶାନ୍ତ କୁମାର ସାହୁ, ଗଙ୍ଗାଧର ପଣ୍ଡା, ଭଗବାନ ପଣ୍ଡା, ସଞ୍ଜୀବ ଦାସ, ଦିବାକର ବେହେରା ଓ ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ। ଉଦ୍‌ଯାପନୀ ଦିବସରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

# ଅଗ୍ନିକାଣ୍ଡରେ ଦୋକାନ ଜଳିଗଲା

**ରାଇକିଆ,୧୫।୧୨(ଡ଼ି.ଏନ.ଏ.)**

ରାଇକିଆ ବ୍ଲକ ଇନ୍ଦ୍ରଗଡ଼ ପଞ୍ଚାୟତ ବରପାଲ୍ଲୀ ଗ୍ରାମରେ ଶନିବାର ରାତିରେ ଅଗ୍ନିକାଣ୍ଡ ଘଟି ଏକ ଦୋକାନ ଘର ଜଳିଯାଇଛି । ନିଆଁ କିପରି ଲାଗିଲା ତାହା ଜଣାପଡ଼ି ନ ଥିଲେ ମଧ୍ୟ କେହି ଦୁର୍ବୃତ୍ତ ଏପରି କରି ଥାଇପାରନ୍ତି ବୋଲି ଦୋକାନ ମାଲିକ ରାଜୀବ ଲୋଚନ ସାହୁ କହିଛନ୍ତି। ରାଇକିଆଠାରୁ ପ୍ରାୟ ୫୦ କିମି ଦୂର ଏବଂ ମୋବାଇଲ ନେଟ୍‌ୱର୍କ ସୁବିଧା ନ ଥିବା ଯୋଗୁ ନିଆଁ ଲାଗିବା ସମ୍ପର୍କରେ ଅଗ୍ନିଶମ ବିଭାଗକୁ ଖବର ଦେବା ସମ୍ଭବ ହୋଇପାରି ନ ଥିଲା । ଗ୍ରାମବାସୀ ନିଜ ଉଦ୍ୟମରେ ନିଆଁ ଲିଭାଇବା ଉଦ୍ୟମ କରିଥିଲେ ମଧ୍ୟ ଦୋକନ ଘର ସମ୍ପୂର୍ଣ୍ଣ ଜଳିଯାଇଥିଲା ।

# କ୍ରୀଡ଼ାମନ୍ତ୍ରୀଙ୍କ ୨ ଦିନିଆ କନ୍ଧମାଳ ଗସ୍ତ

## ପ୍ରଥମ ଦିନ ବିଭିନ୍ନ ଷ୍ଟାଡିୟମ ପରିଦର୍ଶନ


ଛାତ୍ରାବାସ ପିଲାମାନଙ୍କ ସହ ମନ୍ତ୍ରୀ ମଧ୍ୟାହ୍ନ ଭୋଜନ କରୁଛନ୍ତି।

**ଫୁଲବାଣୀ ଅଫିସ,୧୫।୧୨**

ଆଇଟି ଏବଂ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାର କାନ୍ତି ବେହେରା ରବିବାର ଦୁଇ ଦିନିଆ କନ୍ଧମାଳ ଗସ୍ତରେ ଆସିଛନ୍ତି। ମନ୍ତ୍ରୀ ପ୍ରଥମ ଦିନ ବିଭିନ୍ନ ଷ୍ଟାଡିୟମ ବୁଲି ଦେଖିବା ସହ ସ୍ଥିତି ପରଖିଛନ୍ତି। କନ୍ଧମାଳ ଷ୍ଟାଡ଼ିୟମ ଯାଇ ହଷ୍ଟେଲରେ ଅନ୍ତେବାସୀଙ୍କୁ ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ସେଠାରେ ଛାତ୍ରମାନଙ୍କ ସହ ମଧ୍ୟାହ୍ନଭୋଜନ କରିଥିଲେ। ପରେ ମନ୍ତ୍ରୀ ଫୁଲବାଣୀ ମ୍ୟୁନିସିପାଲିଟି ଦ୍ୱାରା ନିର୍ମିତ ଏଜେଓ ହାଇସ୍କୁଲ ପଡ଼ିଆ ମିନି ଷ୍ଟାଡ଼ିୟମ, ଓପନ୍‌ଏୟାର ଜିମ୍ ବୁଲିଥିଲେ। ଏହାପରେ ଫୁଲବାଣୀ ବ୍ଲକ ଅନ୍ତର୍ଗତ ବୁଢାଦାନିସ୍ଥିତ ମିନି ଷ୍ଟାଡ଼ିୟମ ବୁଲିବା ସହିତ ସ୍ଥାନୀୟ କ୍ରୀଡ଼ାବିତମାନଙ୍କ ସହିତ କ୍ରୀଡ଼ା ସମ୍ପର୍କରେ କଥା ହୋଇଥିଲେ। ଆଇଟିଡ଼ିଏ ଦ୍ୱାରା ନିର୍ମିତ ହୋଇଥିବା ଇ-ଲାଇବ୍ରେରି ଦେଖି ମନ୍ତ୍ରୀ ଖୁସି ବ୍ୟକ୍ତ କରିଥିଲେ । କନ୍ଧମାଳ ଜିଲାରେ ଏପରି ଲାଇବ୍ରେରି ହୋଇଥିବାରୁ ଜିଲା ପ୍ରଶାସନକୁ ଧନ୍ୟବାଦ ଦେବା ସହ ରାଜ୍ୟର ସମସ୍ତ ଜିଲାରେ ଏହା କରାଯିବା ଉଚିତ ବୋଲି କହିଥିଲେ। ପରେ ମନ୍ତ୍ରୀ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ବାଲିଗୁଡ଼ା ଯାଇଥିଲେ। ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ବୀରେନ୍ଦ୍ର କୁମାର ଦାସଙ୍କ ସହ ଅନ୍ୟମାନେ ମନ୍ତ୍ରୀଙ୍କ ଗସ୍ତ ବେଳେ ଉପସ୍ଥିତ ଥିଲେ ।

# ସଖୀପଡ଼ା ପାଟଖଣ୍ଡା ଯାତ୍ରା ଉଦ୍‌ଯାପିତ

**ଫିରିଙ୍ଗିଆ,୧୫।୧୨**

ଫିରିଙ୍ଗିଆ ବ୍ଲକ ସଖୀପଡାଠାରେ ଚାଲିଥିବା ପ୍ରସିଦ୍ଧ ପାଟଖଣ୍ଡା ଓ ମା' ଲକ୍ଷ୍ମୀଙ୍କ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ପରମ୍ପରା ଅନୁସାରେ ଗାଁର ମହିଳାମାନେ ଏହି ଯାତ୍ରାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ସଖୀପଡା ତଥା ଆଖପାଖ ଅଞ୍ଚଳର ଲୋକେ ସହଯୋଗ କରିଥିଲେ । ଯାତ୍ରା ଉଦଘାଟନୀ କାର୍ଯ୍ୟକ୍ରମରେ ଫିରିଙ୍ଗିଆ ସରପଞ୍ଚ ବିଶ୍ୱରଞ୍ଜନ କହଁର ମୁଖ୍ୟଅତିଥି ଓ ସୁବ୍ରତ କୁମାର ମହାନ୍ତି, ଫିରିଙ୍ଗିଆ ସମିତି ସଭ୍ୟ ପ୍ରତାପ ଚନ୍ଦ୍ର ସାହୁ, କଣ୍ଠଶିଳ୍ପୀ ବିପ୍ରଚରଣ ସାହାଣି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ୩ ଦିନ ଧରି ଜିଲା ତଥା ବାହାରୁ ବହୁ ଭକ୍ତ ଆସି ମା'ଙ୍କୁ ଦର୍ଶନ କରିବା ସହ ଯାତ୍ରା ଉପଭୋଗ କରିଥିଲେ। କଣ୍ଠଶିଳ୍ପୀ ସାହାଣିଙ୍କ ଗୀତ, ନୟାଗଡ ଜିଲାରୁ ଆସିଥିବା କଳାକାରମାନଙ୍କ ରାମାୟଣ ନାଟକ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଯାତ୍ରା କମିଟି ସଭାପତି ବସନ୍ତ ବେହେରା, ବିଜୟ କୁମାର ପାତ୍ର, ଶଶିନ୍ଦ୍ର ବିଶୋଇ, ଭିକାରି ଭୁକ୍ତା, ରାଜେନ୍ଦ୍ର ବେହେରା, ବିଦୁର ବେହେରା, ତପନ କୁମାର ବେହେରା, ଉମେଶ ବେହେରା, ସୁକେସ ବେହେରାଙ୍କ ସହ ଗାଁର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାମାନେ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ ।


ପାଟଖଣ୍ଡା ଯାତ୍ରାରେ ଉପସ୍ଥିତ ଅତିଥି ।

# ପାନୀୟ ଜଳ ସଙ୍କଟରେ ଜାମ୍ବୁ ସାହି

**ବୈଦ୍ୟନାଥ ବେହେରା/ ବିଦୁର ବେହେରା**
**ଖଜୁରିପଡ଼ା (ଡି.ଏନ.ଏ.)/ ବଲସକୁମ୍ପା,୧୫।୧୨**

ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ଯୋଜନା ମାଧ୍ୟମରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରୁଛନ୍ତି। ଏଥିସହ କେତେକ ଅଞ୍ଚଳରେ ଉଠା ଜଳସେଚନ ବ୍ୟବସ୍ଥା କରି ଲୋକଙ୍କ ପାଖରେ ପାନୀୟ ଜଳ ଯୋଗାଉଛନ୍ତି। ହେଲେ ଏବେ ମଧ୍ୟ ଅନେକ ସ୍ଥାନରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ଏହା ଦେଖିବାକୁ ମିଳିଛି ଖଜୁରିପଡ଼ା ବ୍ଲକ ଅଧୀନରେ ଥିବା ବଲସକୁମ୍ପା ଗ୍ରାମପଞ୍ଚାୟତର (ନବଗୁବା) ଜାମ୍ବୁ ସାହିରେ। ଗ୍ରାମପଞ୍ଚାୟତଠାରୁ ୩ କିମି ଦୂରରେ ଅବସ୍ଥିତ ଏହି ଗ୍ରାମ।

ଏହି ଗ୍ରାମରେ ପ୍ରାୟ ୧୮ ବସ୍ତିବାସିନ୍ଦା ରହୁଛନ୍ତି। କିନ୍ତୁ ଏଠାରେ ବର୍ତ୍ତମାନ ପର୍ଯ୍ୟନ୍ତ ପକ୍କା ରାସ୍ତା ନ ଥିବା ବେଳେ ଜଳସେଚନ ବ୍ୟବସ୍ଥା ନାହିଁ। ଏହି ଅଞ୍ଚଳରେ ଥିବା ଗୋଟିଏ


ନଦୀରୁ ପାଣି ଆଣୁଛନ୍ତି ମହିଳା।

ନଳକୂପ ଖରାପ ହୋଇଯାଇଛି। ତେଣୁ ଲୋକମାନେ ନଦୀ ଏବଂ ଚୁଆର ପାଣି ବ୍ୟବହାର କରୁଛନ୍ତି, ଯାହାଦ୍ୱାରା ଜନସାଧାରଣ ରୋଗଗ୍ରସ୍ତ ହେବାର ଆଶଙ୍କା ରହିଛି। ଏ ନେଇ ଲୋକେ ସରପଞ୍ଚ ଅଜୟ କୁମାର ମଲ୍ଲିକଙ୍କ ଜରିଆରେ ସରକାରଙ୍କୁ ଅନୁରୋଧ ଓ

### ଖଜୁରିପଡ଼ା ବ୍ଲକ

ଆବେଦନ କରିଛନ୍ତି। ସରପଞ୍ଚ ଅଜୟ ମଲ୍ଲିକ କହିଛନ୍ତି, ସେ ଏହି ସମସ୍ୟା ଉପରିସ୍ଥ ଅଧିକାରୀମାନଙ୍କୁ ଜଣାଇବା ସହିତ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଜଳ ସମସ୍ୟାକୁ ଶୀଘ୍ର ସମାଧାନ କରାଯିବ। ଜଳ ସମସ୍ୟା ଦୂରୀକରଣ କରିବା ପାଇଁ ପ୍ରକାଶ ବେହେରା, କର୍ଣ୍ଣ ବେହେରା, ରଥିଆ ବେହେରା, କାଳିଆ ବେହେରା, ପ୍ରମୋଦ କହଁର, ଶ୍ରୀକାନ୍ତ ବେହେରା, ବିଦୁର ବେହେରା ସରକାରଙ୍କ ନିକଟରେ ଅନୁରୋଧ କରିଛନ୍ତି।

**ସଂକ୍ଷେପରେ**

## ଶିଶୁ ଉତ୍ସବରେ ୧୨୦ ପ୍ରତିଯୋଗୀ

ଔପଦା, ୧୫।୧୨(ଡି.ଏନ.ଏ.)- ବାଲେଶ୍ୱର ଜିଲା ଔପଦା ବ୍ଲକ ଅଘିରାପଦା ଜଗବନ୍ଧୁ ହାଇସ୍କୁଲ ପରିସରରେ ଓଷ୍ଟା ଆନୁକୂଲ୍ୟରେ ୩୮ତମ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଶିଶୁମାନେ ଦେଶର ଭବିଷ୍ୟତ। ଶିଶୁ ହସିଲେ ଦୁନିଆ ହସିବ, ଶିଶୁମାନଙ୍କୁ ଜଣେ ଭଲ ମଣିଷ ଭାବେ ଗଢ଼ି ତୋଲିବା ପାଇଁ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ।

ଓଷ୍ଟା ବ୍ଲକ ସଭାପତି ବୈକୁଣ୍ଠ ନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ବିଧାୟକ ସୁକାନ୍ତ କୁମାର ନାୟକ, ସମ୍ମାନନୀୟ ଅତିଥି ଭାବେ ଓଷ୍ଟା ଜିଲା ସଭାପତି ବାଦଲ ଚନ୍ଦ୍ର ପାତ୍ର, ପ୍ରାକ୍ତନ ଜିଲାପରିଷଦ ସଦସ୍ୟ ଅନିରୁଦ୍ଧ ବିଶ୍ୱାଳ, ପୂର୍ବତନ ଓଷ୍ଟା ଜିଲା ସଭାପତି ଜିତେନ୍ଦ୍ର କୁମାର ବେହେରା, ବ୍ଲକ ନୋଡ଼ାଲ ଅଫିସର କ୍ଷେତ୍ର ମୋହନ କର, ପ୍ରାକ୍ତନ ବିଇଓ ବିଜୟ କୁମାର ମଲ୍ଲିକ, ଓଷ୍ଟା ବ୍ଲକ ସମ୍ପାଦକ ବୈକୁଣ୍ଠ ନାଥ ପୁଥାଲ, ପରିଚାଳନା କମିଟି ସଭାପତି ଗୟାଧର ବିଶ୍ୱାଳ, ଜଗବନ୍ଧୁ ହାଇସ୍କୁଲର ପ୍ରଧାନ ଶିକ୍ଷକ ମକୁନ୍ଦ ଚନ୍ଦ୍ର ବିଶ୍ୱାଳ, ସିଆରସିସି ସୁଶାନ୍ତ କୁମାର ନାୟକ, ସମିତିସଭ୍ୟା ପ୍ରମିଳା ଦାସ, ସରପଞ୍ଚ ରାଧାଗୋବିନ୍ଦ ଧଡ଼ା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଶିକ୍ଷକ ବେଣୁଧର ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଆୟୋଜିତ ୧୦ଟି ବିଭାଗର ପ୍ରତିଯୋଗିତାରେ ୧୨୦ଜଣ ଅଂଶଗ୍ରହଣ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ୫ ଚୋରା ମଦ ବେପାରୀ ଗିରଫ

ସୋର, ୧୫।୧୨(ଡି.ଏନ.ଏ.)-ସୋର ଅବକାରୀ ଥାନା ପକ୍ଷରୁ ସୋର ଓ ଖଇରା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ଚୋରା ମଦ ଜବତ କରାଯାଇଛି। ଏହାସହ ୫ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ସୋର ମ୍ୟୁନିସିପାଲିଟି ଅଧୀନ ଡିପାସାହି ଗ୍ରାମର ଭରତ ଟୁଡ୍ଡୁ, କମରପୁର ଦିବାକର ସାହୁ, ତଳନଗର ଅନାଦି ଦାସ, ମୁନି ସାବିରା ମନୁ ନାୟକ ଓ ଖଇରା ଥାନା ଅଧୀନ ମାଖନପୁର ଗ୍ରାମର ରଘୁନାଥ ମଲ୍ଲିକ। ଏନେଇ କେସ୍ ନଂ ୭୭, ୭୮, ୭୯, ୬୧ ଓ ୨୬/ ୧୯-୨୦ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ସୋର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ କୁଳମଣି ମହାରଣା ଚଢ଼ାଉରେ ନେତୃତ୍ୱ ନେଇଥିବା ବେଳେ ଏଏସ୍ଆଇ ଭାସ୍କର ବେହେରା, ଚନ୍ଦ୍ରମୋହନ ସେଠୀ, ସେକ୍ କଲିମ୍, ଶଶୀ ସ୍ୱାଇଁ, ପିଙ୍କି ମାରାଣ୍ଡି ପ୍ରମୁଖ ସାମିଲ ଥିଲେ।

■ ବିଜୟ, କୃଷ୍ଣଚନ୍ଦ୍ର ହତ୍ୟା ଉଦ୍ୟମ ମାମଲା

# ୩ ଗିରଫ, ବାଳ ସୁଧାର ଗୃହ ଗଲେ ନାବାଳକ

**୨ ଖଣ୍ଡା ସହ ଠେଙ୍ଗା ଜବତ**

**ଦିଗପହଣ୍ଡି,୧୫।୧୨(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ କରପଡା ଗାଁର ବିଜୁ ଯୁବ ବାହିନୀ କାର୍ଯ୍ୟକର୍ତ୍ତା ବିଜୟ ସେଠୀ ଓ ଦେଓଖାଳି ଗାଁ ଛକରେ ମିଠା ଦୋକାନୀ କୃଷ୍ଣଚନ୍ଦ୍ର ସାହୁଙ୍କୁ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକମାନେ ଗତ ୬ ତାରିଖରେ ଖଣ୍ଡାରେ ହାଣି ହତ୍ୟା ଉଦ୍ୟମ କରିଥିଲେ। ଏହି ମାମଲାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଦେଓଖାଳିର ଶିବ ପ୍ରଧାନ, ରଜୀତ ପ୍ରଧାନ ଏବଂ କୁନା ପ୍ରଧାନ। ଏଥିରେ ସମ୍ପୃକ୍ତ ଥିବା ଜଣେ ନାବାଳକଙ୍କୁ ବ୍ରହ୍ମପୁର ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯିବା ପରେ ଜାମିନ ଦରଖାସ୍ତ ନାକଚ ହେବାରୁ ତାଙ୍କୁ ବାଳ ସୁଧାର ଗୃହକୁ ପଠାଯାଇଛି। ବିଜୟଙ୍କ ଏତଲା କ୍ରମେ ଦିଗପହଣ୍ଡି ପୋଲିସ ନଂ.୨୬୧/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

ରବିବାର ତଦନ୍ତକାରୀ ପୋଲିସ ଅଧିକାରୀ ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁ ଶିବଙ୍କୁ କୋର୍ଟ ଚାଲାଣ କରିଛନ୍ତି।

ସେହିପରି କୃଷ୍ଣଚନ୍ଦ୍ରଙ୍କ ଅଭିଯୋଗକୁ ଭିତ୍ତି କରି କେ.ନୂଆଗାଁ ପୋଲିସ ନଂ. ୨୫୨/୧୯ ଅନୁଯାୟୀ ରଜୀତ ଏବଂ କୁନାଙ୍କୁ କୋର୍ଟ ଚାଲାଣ କରିଥିବା ଏସ୍‌ଡିପିଓ କହିଛନ୍ତି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଦିଗପହଣ୍ଡି ସବଜେଲକୁ ପଠାଯାଇଛି। ସେମାନଙ୍କ ନିକଟରୁ ୨ଟି ଖଣ୍ଡା ଓ ଗୋଟିଏ ବାଉଁଶ ଠେଙ୍ଗା ଜବତ କରାଯାଇଛି। କୃଷ୍ଣଚନ୍ଦ୍ର ଗାଁ ଛକରେ ଚାହା ପିଉଥିବା ବେଳେ ପୂର୍ବ ଶତ୍ରୁତାରୁ ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ଆକ୍ରମଣ କରି କରପଡ଼ା ଗାଁ ରାସ୍ତା ଦେଇ ୨ ବାଇକ୍‌ରେ ଯାଉଥିବା ବେଳେ ବିଜୟ ସେମାନଙ୍କ ହାବୁଡ଼ରେ ପଡ଼ିଥିଲେ। ସେମାନେ ବିଜୟଙ୍କୁ ଗାଁ ସ୍କୁଲ ନିକଟ ଶ୍ମଶାନ ନିକଟରେ ଖଣ୍ଡାରେ ହାଣି ଫେରାର ହୋଇଯାଇଥିଲେ। ଏହି ମାମଲାରେ ପୋଲିସ ଦେଓଖାଳିର ବାଳକୃଷ୍ଣ ସାବାନୀଙ୍କୁ ଗତ ୯ ତାରିଖରେ କୋର୍ଟ ଚାଲାଣ କରିଥିଲା।

# ଧରାପକାଇଲା ସିସିଟିଭି ଫୁଟେଜ, ୩ ଗିରଫ

ଖଇରା,୧୫।୧୨(ଡି.ଏନ.ଏ.)–

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଡୁଙ୍ଗୁରା ଗ୍ରାମର ଅଧ୍ୟାପକ ଉଦୟ କୁମାର ନନ୍ଦଙ୍କ ଘରୁ ଚୋରି ଘଟଣାର ପର୍ଦ୍ଦାଫାଶ ହୋଇଛି। ସିସିଟିଭି ଫୁଟେଜକୁ ଆଧାର କରି ଖଇରା ଆଇଆଇସି ୩ଜଣଙ୍କୁ ଗିରଫ କରିଛନ୍ତି। ଗିରଫ ବ୍ୟକ୍ତିମାନେ ହେଲେ ତାଳମହୁରୀ ଗ୍ରାମର ବାପୁନୁ ଓରଫ ଗଗନ ଦାସ, ଗଡ ଗ୍ରାମର ଚଗୁଲୁ ଓରଫ ଜିତାଂଶୁ ବେହେରା ଏବଂ ଗହଣା କିଣିଥିବା ସୋରର ଗହଣା ବ୍ୟବସାୟୀ ଜିଗେଶ ପାଣିଗ୍ରାହୀ। ସୁଶ୍ରୀ ନାୟକ ଓ ତଦନ୍ତକାରୀ ଏଏସ୍ଆଇ ପ୍ରଦୀପ କୁମାର ମହାନ୍ତିଙ୍କ ସୂଚନା ଅନୁଯାୟୀ ନଭେମ୍ବର ୧୪ ତାରିଖରେ ଅଧ୍ୟାପକ ଓ ତାଙ୍କ ପତ୍ନୀ ଘରେ ଅନୁପସ୍ଥିତ ଥିବା ବେଳେ ଚୋରମାନେ ଘରେ ପଶି ୪୦ଗ୍ରାମ ଓଜନର ସୁନା ଗହଣା ଏବଂ ଏଟିଏମ କାର୍ଡ ନେଇ ପଳାଇଥିଲେ । ସେହି ରାତିରେ ସେମାନେ ସୋରସ୍ଥିତ ଏକ ଏଟିଏମ୍‌ରୁ ୧୪ହଜାର ଟଙ୍କା ମଧ୍ୟ ଉଠାଇଥିଲେ । ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୨୩୪/୧୯) ରୁଜୁ କରି ଏଟିଏମ୍‌ରେ ଲାଗିଥିବା ସିସିଟିଭି ଫୁଟେଜକୁ ଆଧାରକରି ତଦନ୍ତ ଆରମ୍ଭ କରିଥିଲା। ଏହି ୩ଜଣଙ୍କ ନିକଟରୁ ସମସ୍ତ ଗହଣା ଉଦ୍ଧାର ହୋଇଛି । ସେମାନଙ୍କୁ କୋର୍ଟଚାଲଣ କରାଯିବ ବେଲି ଆଇଆଇସି ସୂଚନା ଦେଇଛନ୍ତି ।



ଜବତ ଅଳଙ୍କାର।



ଗିରଫ ୩ ଅଭିଯୁକ୍ତ।

# ପୁରାତନ ଛାତ୍ରୀଛାତ୍ରଙ୍କ ବୈଠକ



ପୁରାତନ ଛାତ୍ରୀଛାତ୍ରଙ୍କ ଗହଣରେ ସେମାନଙ୍କ ପରିବାର।

**ଭଞ୍ଜନଗର,୧୫।୧୨(ଡି.ଏନ୍.ଏ)**

ବୁଗୁଡ଼ା ପିପୁଲ୍ସ ହାଇସ୍କୁଲ ୧୯୮୦ ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ଏକ ବୈଠକ ରବିବାର ସ୍ଥାନୀୟ ବନ ବିହାର ପରିସରରେ ଅନୁଷ୍ଠିତ ହୋଇଥିଲା। ନିଜର ପୁରୁଣା ଅନୁଭୂତିକୁ ମନେ ପକାଇବା ସହ ଜନହିତକର କାର୍ଯ୍ୟକ୍ରମ ପାଇଁ ନିଷ୍ପତ୍ତି ନେଇଥିଲେ। ଏହାପରେ ନାଚଗୀତ ସହ ପି.ଭାସ୍କର (ଜୁନିୟର) ମ୍ୟାଜିକ୍ ସୋ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚନ ହୋଇଥିଲା। ସଂଘର ବଳକା ଅର୍ଥକୁ ବିଦ୍ୟାଳୟକୁ ଦାନ କରାଯିବ ବୋଲି ଉପଦେଷ୍ଟା ପ୍ରଦ୍ୟୁମ୍ନ ପଣ୍ଡା ଏଠାରେ ସୂଚନା ଦେଇଛନ୍ତି। ସଭାପତି କିଶୋର କୁମାର ପଣ୍ଡା, ସମ୍ପାଦକ ପିତବାସ ପ୍ରଧାନ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ଅଟୋକୁ ଧକ୍କା ଦେଲା ଟ୍ରକ୍, ୪ ଗୁରୁତର

ସୋର, ୧୫।୧୨(ଡି.ଏନ.ଏ.)

ଜାତୀୟ ରାଜପଥ ସୋର ଉତ୍ତରେଶ୍ୱର ନିକଟ ପାଇକାଳୀଠାରେ ରବିବାର ଏକ ଅଟୋକୁ ଏକ ଟ୍ରକ୍ ଧକ୍କା ଦେବାରୁ ୪ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ କଟକ ଏବଂ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି। ସୋରରୁ ଅଟୋ (ନଂ.ଓଡି୨୨ଡି୬୯୬୮) ଯାତ୍ରୀମାନଙ୍କୁ ନେଇ ମୁଳିସିଂ ଯାଉଥିବା ବେଳେ ପାଇକାଳି ଡାଇଭର୍ଶନ ନିକଟରେ ଏକ ଟ୍ରକ(ନଂ. ଡିଆର୦୫ଟି୪୭୫୧) ଭାରସାମ୍ୟ ହରାଇ ନୟନଯୋରିକୁ ଖସିପଡିଥିଲା। ଅଟୋରେ ଥିବା ସମସ୍ତ ଯାତ୍ରୀ ଗୁରୁତର ହୋଇ ପଡ଼ିଥିଲେ। ସୋର ପୋଲିସ ଓ ଆମ୍ବୁଲାନ୍ସ ପହଞ୍ଚି ଗୁରୁତରମାନଙ୍କୁ ଉଦ୍ଧାର କରିଥିଲେ। ଅଟୋରେ ଥିବା ମୁଳିସିଂ ଗ୍ରାମର ମହେଶ୍ୱର ମହାନ୍ତିଙ୍କ ସ୍ତ୍ରୀ ମୌସୁମୀ ମହାନ୍ତି, ଅନ୍ନପୂର୍ଣ୍ଣା ମହାନ୍ତି, ଗୌରାଙ୍ଗ ମହାନ୍ତିଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

## ବିଜେଡିରେ ମିଶିଲେ ଭାଜପା ନେତା, କର୍ମୀ

**କାଶୀନଗର, ୧୫।୧୨ (ଡି.ଏନ୍.ଏ.)**

କାଶୀନଗର ବ୍ଲକ ଟାଣ୍ଡୁଆ ଭାଜପା ନେତା ତଥା ପୂର୍ବତନ ଜିଲା ଉପସଭାପତି ଏମ୍.ସାବାରାଜୁ ରବିବାର ବିଜେଡିରେ ମିଶିଛନ୍ତି। ସେ କେ.ସୀତାପୁରସ୍ଥିତ ନିଜ ବାସଭବନରେ ବିଜେଡି ବ୍ଲକ ସଭାପତି ପ୍ରଦୀପ କୁମାର ନାୟକ, ପୂର୍ବତନ ଜିଲା ସଭାପତି ବସନ୍ତ ଦାସ, କାଶୀନଗର ଏନ୍.ଏ.ସି. ସଭାପତି ରଘୁରାମ ସାହୁ, ଗୋଷାଣୀ ବ୍ଲକ ବିଜେଡି ସଭାପତି ଏମ୍.ଲିଙ୍ଗରାଜୁଙ୍କ ଉପସ୍ଥିତିରେ ଦଳରେ ଯୋଗ ଦେଇଛନ୍ତି।

■ ଖାଦ୍ୟରେ ବିଛା ବାହାରିବା ଘଟଣା

# ଅଙ୍ଗନୱାଡ଼ି କର୍ମୀ, ସହାୟିକାଙ୍କୁ କାରଣ ଦର୍ଶାଅ ନୋଟିସ

ଭୋଗରାଇ,୧୫।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ମନ୍ଦାରସାହି ପଞ୍ଚାୟତ ହରିପୁର ଗ୍ରାମ ଅଙ୍ଗନୱାଡ଼ି କେନ୍ଦ୍ରରେ ଶିଶୁମାନଙ୍କୁ ଦିଆଯାଉଥିବା ଭାତରେ ମଲା ବିଛା ବାହାରିଥିବା ଅଭିଯୋଗ ହୋଇଥିଲା। ରବିବାର ଉକ୍ତ କେନ୍ଦ୍ରକୁ ଭୋଗରାଇ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଭାରତୀ ସାହୁ ଓ ସେକ୍ଟର ସୁପରଭାଇଜର ଶାନ୍ତି ହାଁସଦା ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। କାର୍ଯ୍ୟରେ ଅନିୟମିତତା କରିଥିବା ଉକ୍ତ କେନ୍ଦ୍ରର କର୍ମୀ ଓ ସହାୟିକାଙ୍କ ପତ୍ର ସଂଖ୍ୟା ୬୫୪ରେ ଗତ ତା୧୩।୧୨।୧୯ ରିଖରେ ସେଦିନର ଭତ୍ତାକୁ କଟାଯିବା ସହିତ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

ଉକ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ ଗତ ୧୩ତାରିଖରେ ଶିଶୁମାନଙ୍କୁ ରନ୍ଧା ଭାତ ଖାଇବାକୁ ଦିଆଯାଇଥିଲା। ଗ୍ରାମର ଜଣେ ଶିଶୁ ଉକ୍ତ ରନ୍ଧାଖାଦ୍ୟକୁ ଘରକୁ ନେବା ପାଇଁ ଜିଦ୍ କରିବାରୁ ସହାୟିକା ଏକ ଟିଫିନ୍ ବାକ୍ସରେ ତାଙ୍କୁ ଭାତ ଦେଇଥିଲେ। ଶିଶୁର ମା’ ଏହି ଭାତରେ ମଲା ବିଛା ପଡ଼ିଥିବା ଅପରାହ୍ନ ୪ଟାରେ ସହାୟିକାଙ୍କୁ ଗ୍ରାମ ରାସ୍ତାରେ ଦେଖାଇଥିଲେ। ଏହି ଅଭିଯୋଗ ପରେ ଗ୍ରାମରେ ଦୁଇଦିନ ଧରି ଜଟିଳ ସ୍ଥିତି ଲାଗି ରହିଥିଲା। ରନ୍ଧା ଭାତ ଖାଇଥିବା କୌଣସି ଶିଶୁ ଅସୁସ୍ଥ ନ ଥିବାରୁ ଘଟଣା ଏକ ରହସ୍ୟାବୃତ୍ତ ବୋଲି ଗ୍ରାମବାସୀ କହିଛନ୍ତି। ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ ଓ ସହାୟିକାଙ୍କୁ ଖାଦ୍ୟର ସୁରକ୍ଷା ଓ ସୁଷମ ବଣ୍ଟନ କରିବା ସହିତ କେନ୍ଦ୍ର ବାହାରକୁ ରନ୍ଧା ଖାଦ୍ୟ ନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଘଟଣା ସମ୍ପର୍କରେ କର୍ମୀ–ସହାୟିକା, ଯାଞ୍ଚ କମିଟିର ସଦସ୍ୟ ଓ ଗ୍ରାମବାସୀଙ୍କଠାରୁ ଅବଗତ ହୋଇଛନ୍ତି।

ବାବା ମୁକ୍ତେଶ୍ୱର ଆନ୍ତଃ ରାଜ୍ୟ କ୍ରିକେଟ୍ ଟୁର୍ନାମେଣ୍ଟ

# ସୋର ଆର୍.ଏନ୍. ଚାମ୍ପିୟନ୍

ସୋର, ୧୫।୧୨(ଡି.ଏନ.ଏ.)

ସୋର ବ୍ଲକ ମହୁମୁହାଣ ବାବା ମୁକ୍ତେଶ୍ୱର କ୍ଲବ ଆନୁକୂଲ୍ୟରେ ଗୁଠୁଣା ମୁନିପଡ଼ିଆଠାରେ ମା’ବାସୁଳି ବାବା ମୁକ୍ତେଶ୍ୱର ଆନ୍ତଃରାଜ୍ୟ କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲ୍ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱଭାରତୀ କଟକକୁ ହରାଇ ଆର୍‌ଏନ୍ ସୋର ଚାମ୍ପିୟନ ହୋଇଛି। ପ୍ରଥମେ ଆର୍‌ଏନ୍ ସୋର ଟସ୍ ଜିଣି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବିଶ୍ୱଭାରତୀ କଟକ ନିର୍ଦ୍ଧାରିତ ୨୫ ଓଭରରେ ୮ ଉଇକେଟ୍ ହରାଇ ୨୦୧ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଆର ଏନ୍ ସୋର ୨୪.୪ ଓଭରରେ ୭ଟି ଉଇକେଟ୍ ହରାଇ ୨୦୪ ରନ୍ କରି ବିଜୟୀ ହୋଇଥିଲା। ବିଜୟୀ ଆର୍‌ଏନ୍ ଟିମ୍‌ର ଆକ୍ରମ ଖାନ୍ ୫ ଓଭର ବୋଲିଂ କରି ୨୭ ରନ୍ ଦେଇ ୧ ଉଇକେଟ୍ ନେଇଥିବା ବେଳେ ୨୨ଟି ବଲରୁ ୩୩ ରନ୍ କରି ଦଳକୁ ବିଜୟୀ କରିଥିବାରୁ ତାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ସେହିପରି ୩ଟି ମ୍ୟାଚ୍‌ରେ ବିଶ୍ୱଭାରତୀ ଟିମ୍‌ର ଅଧିନାୟକ ରଣଜୀ ଖେଳାଳି ରଶ୍ମିରଞ୍ଜନ ଦାସ ସର୍ବାଧିକ୧୬୦ ରନ କରିଥିବାରୁ ତାଙ୍କୁ ମ୍ୟାନ ଅଫ୍ ଦି ସିରିଜ୍ ଭାବେ ଘୋଷିତ କରାଯାଇଥିଲା। ଏହି ଖେଳକୁ ବିସିସିଆଇ ଲେଭ୍ଲ ଅମ୍ପାୟାର ରାକେଶ ମହାପାତ୍ର ଓ ଓସିଏ ଅମ୍ପାୟାର ପ୍ରତାପ କୁମାର ପାତ୍ର ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସୋର ବିଧାୟକ ପର୍ଶୁରାମ ଧଡ଼ା ଯୋଗଦେଇ ଚାମ୍ପିୟନ୍ ଟିମ୍‌ର ଅଧିନାୟକ ସନୱାର ଅଲ୍ଲୀଙ୍କୁ ଟ୍ରଫି ସହିତ ୧୫ହଜାର ଟଙ୍କା ଏବଂ ରନର୍ସ ଅପ୍ ଟିମ୍‌ର ଅଧିନାୟକ ରଶ୍ମିରଞ୍ଜନ ଦାସଙ୍କୁ କପ୍ ଏବଂ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ।

■ ଅନ୍‌ଲାଇନ ଟୋକନ ପ୍ରଦାନ ନେଇ ଅସନ୍ତୋଷ

# ଚାଷୀଙ୍କୁ ଘାରିଛି ଧାନ ବିକ୍ରି ଚିନ୍ତା

ରୂପ୍‌ସା, ୧୫।୧୨(ଡି.ଏନ.ଏ.)

ବାଲେଶ୍ୱର–ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଅନୁବନ୍ଧିତ ବସ୍ତା ଶାଖା ରାଉତପଡ଼ା କୃଷି ସେବା ସମବାୟ ସମିତିରେ ଚାଷୀ ଅସନ୍ତୋଷ ଦେଖାଦେଇଛି। ଅନ୍‌ଲାଇନରେ ମାତ୍ର ୮ଜଣ ଚାଷୀଙ୍କୁ ଧାନ ବିକ୍ରି ପାଇଁ ମିଳିଥିବା ଟୋକନ ଘଟଣାରେ ଯୋଗାଣ ବିଭାଗର ମନମୁଖି କାର୍ଯ୍ୟକୁ ବିରୋଧ କରାଯାଇଛି। ପ୍ରତିବାଦରେ ଆସନ୍ତା ୧୭ ତାରିଖରେ ସମିତି ଅନ୍ତର୍ଗତ ଶତାଧିକ ଚାଷୀ ବାଲେଶ୍ୱର ଯୋଗାଣ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଚଳିତବର୍ଷ ଖରିଫ ଧାନ ବିକ୍ରି ପାଇଁ ସମିତି ଅନ୍ତର୍ଗତ ଗଡ଼ପଦା, ରାଉତପଡ଼ା, ଦୁଧହଂସା, ବାହାର୍ଦ୍ଦା ଆଦି ପଞ୍ଚାୟତର ୪୧୮ ଜଣ ଚାଷୀ ଅନଲାଇନରେ ନାମ ପଞ୍ଜୀକୃତ କରିଥିଲେ। ବିଭାଗ ଦ୍ୱାରା ଏହି ତାଲିକାକୁ ସଂଶୋଧନ କରାଯାଇ ୩୬୭ ଜଣ ଚାଷୀ ଧାନ ବିକ୍ରି ପାଇଁ ଏକ ଯୋଗ୍ୟ ତାଲିକା ପ୍ରକାଶିତ ହୋଇଥିଲା। ସମିତି ଅଧୀନରେ ଥିବା ଗଡ଼ପଦା କେନ୍ଦ୍ରରେ ୨୩୫ ଚାଷୀ ଓ ନୂଆଗାଁ କେନ୍ଦ୍ରରେ ୧୩୨ ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ନିର୍ଦ୍ଦେଶନାମା ଜାରି ହୋଇଥିଲା। ତଦନୁଯାୟୀ ପ୍ରଥମ ପର୍ଯ୍ୟାୟରେ ସରକାରୀ ଧାନ କିଣା ପାଇଁ ସମିତିକୁ ମାତ୍ର ୩୫ଟନ ଟାର୍ଗେଟ୍ ଦିଆଯାଇଥିଲା। ସମିତି କାର୍ଯ୍ୟାଳୟ ତରଫରୁ ଏଥିପାଇଁ ଅନଲାଇନରେ ପ୍ରଥମ ପଞ୍ଜୀକୃତ ୫୪ଜଣ ଚାଷୀଙ୍କ ନାମ ତାଲିକା ଅପଲୋଡ଼ ହୋଇଥିଲା। ୧୬ତାରିଖ ଧାନମଣ୍ଡି ଖୋଲାଯାଇ ଧାନ କ୍ରୟ ହେବାର ନିର୍ଦ୍ଦେଶ ସମିତିକୁ ଆସିବା ସହ ୫୪ଚାଷୀଙ୍କ ମଧ୍ୟରୁ ମାତ୍ର ୮ ଜଣଙ୍କୁ ଅନଲାଇନରେ ଟୋକନ ମିଳିଥିଲା। ଏହି ୮ ଜଣଙ୍କଠାରୁ ମାତ୍ର ୧୮ଟନ୍ ୭ କୁଇଣ୍ଟାଲ ୨୦କେଜି ଧାନ କିଣାଯିବାର ଟାର୍ଗେଟ ଦିଆଯାଇଛି। ଏ ନେଇ ସମିତି ସମ୍ପାଦକ ସୃଷ୍ଟିଧର ରାଉତଙ୍କ ଆହ୍ୱାନକ୍ରମେ ବୋର୍ଡ ସଭାପତି, ନିର୍ଦ୍ଦେଶକ, ଚାଷୀ କମିଟି ଓ ଅଗ୍ରଣୀ ଚାଷୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସମିତିରେ ପଞ୍ଜୀକୃତ ଚାଷୀଙ୍କୁ ଆବଶ୍ୟକ ଟାର୍ଗେଟ୍ ଦିଆ ନ ଯାଇ ଅନଲାଇନରେ ଯୋଗାଣ ବିଭାଗର ଖାମଖିଆଲି ମନୋଭାବକୁ ବିରୋଧ କରାଯାଇଥିଲା। ୧୭ ତାରିଖରେ ଯୋଗାଣ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ଅଗ୍ରଣୀ ଚାଷୀ ମଦନମୋହନ ଜେନା, ଗଙ୍ଗାଧର ପାଣିଗ୍ରାହୀ, ମାନସ ମିଶ୍ର, ପୂର୍ବତନ ସରପଞ୍ଚ ମନୋରଞ୍ଜନ ମହାପାତ୍ର ଓ ପ୍ରଦୀପ ପଣ୍ଡା ପ୍ରମୁଖ ଚେତାବନୀ ଦେଇଛନ୍ତି। ଅପରପକ୍ଷରେ ସୋମବାର ସମିତିରେ ପାତରଅନ୍ତର କରି ଧାନକିଣାକୁ ବିରୋଧ କରାଯିବ ବୋଲି ଚାଷୀମାନେ ଧମକ ଦେଇଛନ୍ତି।



ବୈଠକରେ ଉପସ୍ଥିତ ଚାଷୀ, ଜନପ୍ରତିନିଧି ଓ ବୋର୍ଡ ନିର୍ଦ୍ଦେଶକ।

ସରିଲା ଆତ୍ମସୁରକ୍ଷା ପ୍ରଶିକ୍ଷଣ

# ନିଜ ହାତରେ ନିଜ ସୁରକ୍ଷା



ଛାତ୍ରୀଙ୍କୁ ଆତ୍ମସୁରକ୍ଷା ତାଲିମ ପ୍ରଦାନ କରାଯାଉଛି।

ରୂପ୍‌ସା, ୧୫।୧୨(ଡି.ଏନ.ଏ.)–

ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ନୀଳମଣି ମହାବିଦ୍ୟାଳୟରେ ଅନୁଷ୍ଠିତ ୧୨ଦିନିଆ ଛାତ୍ରୀ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷ ଡ. ଜୟନ୍ତ କୁମାର ପଣ୍ଡା ଅଧ୍ୟକ୍ଷତା କରି ସମ୍ପ୍ରତି ସମାଜରେ ଛାତ୍ରୀଙ୍କ ସୁରକ୍ଷା ନିଜ ହାତରେ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନନୀୟ ଅତିଥି ଡ. ପ୍ରସନ୍ନ କୁମାର ମନ୍ତ୍ରୀ, ଡ. ତପନ କୁମାର ଦାସ, କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ପିନାକ୍ଷୀ ପଣ୍ଡା ଓ ଡ. ଆରୁଣୀ ମିଶ୍ର ପ୍ରମୁଖ ମଞ୍ଚାସୀନ ହୋଇ ନିଜକୁ ସୁରକ୍ଷିତ ରଖିବା ପାଇଁ ଆତ୍ମରକ୍ଷା କୌଶଳ ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ମାଷ୍ଟରଟ୍ରେନର ଅର୍ଘ୍ୟ ଚୌଧୁରୀ, ରଞ୍ଜିତା ଭୂୟାଁ ଓ ବନିତା ସାହୁ ପ୍ରମୁଖ ୬ଟି ଗ୍ରୁପ୍‌ର ୧୮୦ ଶିବିରାର୍ଥୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଛାତ୍ରୀମାନଙ୍କୁ ମାନପତ୍ର ସହ ଆତ୍ମସୁରକ୍ଷା କୌଶଳ ପୁସ୍ତକ ‘ରିଆକ୍ଟ’ ପ୍ରଦାନ କରାଯାଇଥିଲା। ଶେଷରେ କ୍ରୀଡ଼ା ଶିକ୍ଷୟିତ୍ରୀ ମିତାଲି ମଧୁମିତା ବାରିକ ଧନ୍ୟବାଦ ଦେଇଥିଲେ।

